ଜୁନ୍ ୧୫- ୨୧, ୨୦୨୫

ସକାଳ
THE SAKALA

ରବିବାର

# ସିନ୍ଦୁରା

- ଓଡ଼ିଶାର କୃଷି ବିପଣନ
- ରାଜଧାନୀରେ ଗ୍ରାମୀଣ ଉତ୍ପାଦ
- କୋରାପୁଟ କଫିର ବିପଣି
- ଓଡ଼ିଶା ବଜାରରେ ଲଘୁ ଶସ୍ୟ
- ତୈଳବୀଜ ଫସଲର ବିପଣନ



# ବଜାରରେ ଓଡ଼ିଶା



ଏକାଠି ବିଭିନ୍ନ ସାମଗ୍ରୀ କିଣାବିକାର ପ୍ରକୃଷ୍ଟ ସ୍ଥାନ ହେଉଛି ବଜାର । ଯେଉଁଠି ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀ ବିକ୍ରି କରିଥାନ୍ତି । ଆଉ ଗ୍ରାହକମାନେ ସେଠାରୁ ନିଜ ମନପସନ୍ଦର ଜିନିଷ କିଣିବାର ସୁଯୋଗ ପାଇଥାନ୍ତି । ଓଡ଼ିଶାରେ ଏଭଳି ଅନେକ ବଜାର ଅଛି ଯେଉଁଠି ନିଜେ ଚାଷୀମାନେ ନିଜ ଉତ୍ପାଦିତ ଫସଲକୁ ସୁବିଧାରେ ବିକ୍ରି କରିଥାନ୍ତି । ଓଡ଼ିଶାର କନ୍ଧମାଳ ହଳଦୀ ହେଉକି କୋରାପୁଟ କଫି ଅବା ମାଣ୍ଡିଆ । ସେଭଳି ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବେଶ୍ ଚାହିଦା ରହିଛି । ଏସବୁ ଜିନିଷ ଗ୍ରାହକମାନଙ୍କ ପାଖକୁ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ବଜାର ରହିଛି । ସରକାରୀ ଓ ବେସରକାରୀ ଉଭୟ ସ୍ତରରେ ବଜାର ସୃଷ୍ଟି କରାଯାଇଛି । ଚାଷୀଙ୍କଠାରୁ ଆରମ୍ଭ କରି 'ସ୍ୱୟଂ ସହାୟକ ଗୋଷ୍ଠୀ'ର ମହିଳାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଉତ୍ପାଦିତ ସାମଗ୍ରୀକୁ ବଜାରରେ ବିକ୍ରି କରିବାର ସୁଯୋଗ ପାଇଥାନ୍ତି । ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଦୃଢ଼ ହେଉଛି । ଓଡ଼ିଶା ଉତ୍ପାଦିତ ଅନେକ ଜିନିଷର ଚାହିଦା ବିଦେଶରେ ମଧ୍ୟ ରହିଛି ।

ବର୍ତ୍ତମାନ ରାଜଧାନୀ ଭୁବନେଶ୍ୱରରେ ସହଜରେ ଉପଲବ୍ଧ ହେଉଛି ଗ୍ରାମୀଣ ଉତ୍ପାଦ । ଏଥିପାଇଁ ଭୁବନେଶ୍ୱର 'ମିଶନ ଶକ୍ତି ବଜାର' ଏକ ନୂଆ ସୁଯୋଗ ଆଣି ଦେଇଛି । ଯେଉଁଠି 'ସ୍ୱୟଂ ସହାୟକ ଗୋଷ୍ଠୀ'ର ମହିଳାଙ୍କ ସୁସ୍ୱାଦୁ ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଘରକରଣା, ହସ୍ତକଳା ସାମଗ୍ରୀ ମିଳୁଛି । ସେହିପରି ଜନଜାତିର ଖାଦ୍ୟ, ଲଘୁ ବନଜାତ ଦ୍ରବ୍ୟ, ଜନଜାତି ହସ୍ତଶିଳ୍ପ, ହସ୍ତତନ୍ତ ଆଦି ବିଭିନ୍ନ ସାମଗ୍ରୀ ଭୁବନେଶ୍ୱରସ୍ଥିତ 'ଆଦିଶା' ଷ୍ଟୋର୍‌ରେ ବିକ୍ରି ହେଉଛି । ବର୍ତ୍ତମାନ ଓଡ଼ିଶାର ଉତ୍ପାଦିତ ସାମଗ୍ରୀଗୁଡ଼ିକ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ମଧ୍ୟ ମିଳି ପାରୁଛି । ଓଡ଼ିଶା ଉତ୍ପାଦିତ କେତେକ ସାମଗ୍ରୀର ବଜାରକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା : **ବଜାରରେ ଓଡ଼ିଶା**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ । ଛାତ୍ରଛାତ୍ରୀମାନଙ୍କ ମନ ଚଳଚଞ୍ଚଳ ରହିବ । ମଙ୍ଗଳ, ବୁଧବାରରେ ବିଭିନ୍ନ ଉପାୟରେ ଆୟ କରିବେ । ଗୁରୁ, ଶୁକ୍ର, ଶନିବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ମନେ କରିବେ ।

**ବୃଷ**
ରବି, ସୋମବାରରେ ଯୋଜନା କରି ସଫଳ ହେବେ । ସନ୍ତାନସନ୍ତତି ଉନ୍ନତି କରିବେ । ମଙ୍ଗଳ, ବୁଧବାରରେ କର୍ମତତ୍ପର ହୋଇ ସମସ୍ତ କାର୍ଯ୍ୟ ସୁଚାରୁରୂପରେ ତୁଲାଇବେ । ଗୁରୁ, ଶୁକ୍ର, ଶନିବାରରେ ସମ୍ପର୍କରେ ସୁଦୃଢ଼ତା ଦେଖାଦେବ । ଦୂରଯାତ୍ରା ଯୋଗ ରହିଛି ।

**ମିଥୁନ**
ରବି, ସୋମବାରରେ କର୍ମକ୍ଷେତ୍ରରେ ବିଳମ୍ବିତ କାର୍ଯ୍ୟ କରି ଅପଦସ୍ତ ହେବେ । ଅଭାବ ଓ ଅସୁବିଧା ଦେଖାଦେଇପାରେ । ମଙ୍ଗଳ, ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ଶତ୍ରୁହାନି । ବ୍ୟବସାୟିକ ପ୍ରସାର ଘଟିବ ।

**କର୍କଟ**
ରବି, ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ଦୂରଯାତ୍ରା କରିପାରନ୍ତି । ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି । ଗୁରୁ, ଶୁକ୍ର, ଶନିବାରରେ ଉଚ୍ଚ ସମ୍ମାନ ପାଇବେ । ପଡ଼ୋଶୀଙ୍କ ସହଯୋଗ ମିଳିବ ।

**ସିଂହ**
ରବି, ସୋମବାରରେ କର୍ମକ୍ଷେତ୍ରରେ ମାନମର୍ଯ୍ୟାଦା ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ କୌଣସି ସୂତ୍ରରୁ ଅର୍ଥପ୍ରାପ୍ତି ଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ବ୍ୟସ୍ତବିବ୍ରତ ଅନୁଭବ କରିବେ । ସ୍ୱପ୍ନ ପୂରଣ ପାଇଁ ଚେଷ୍ଟା କରିବେ ।

**କନ୍ୟା**
ରବି, ସୋମବାରରେ ଧର୍ମାଦି କାର୍ଯ୍ୟରେ ମନଦେବେ । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ଦୃଢ଼ମନା ହୋଇ କାର୍ଯ୍ୟ କରିବେ । ଗୁରୁ, ଶୁକ୍ର, ଶନିବାରରେ ଆୟବୃଦ୍ଧିର ନୂତନ ପଥ ଉନ୍ମୋଚନ ହେବ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ ।

**ତୁଳା**
ରବି, ସୋମବାରରେ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟସ୍ତତା ଭିତରେ ରହିବେ । ମଙ୍ଗଳ, ବୁଧବାରରେ ଅସହଯୋଗର ଶିକାର ହେବେ । ଗୁରୁ, ଶୁକ୍ର, ଶନିବାରରେ ଦୃଢ଼ମନା ହେବେ । ସମୟ ସହ ନିଜକୁ ପରିବର୍ତ୍ତନ କରିବେ ।

**ବିଛା**
ରବି, ସୋମବାରରେ ଆର୍ଥିକ ସମୃଦ୍ଧି ଦେଖାଦେବ । ଉଚ୍ଚ ଆଶା ସଫଳ ହେବ । ମଙ୍ଗଳ, ବୁଧବାରରେ ଅଭାବ ଓ ଅସୁବିଧା ଲାଗି ରହିବ । ଗୁରୁ, ଶୁକ୍ର, ଶନିବାରରେ ଜୀବନସାଥୀଙ୍କଠାରୁ ସୁଖଶାନ୍ତି ଆଶା କରିବେ । ବ୍ୟବସାୟିକ ଉନ୍ନତି ହେବ ।

**ଧନୁ**
ରବି,ସୋମବାରରେ ବୃଥାଭ୍ରମଣ କରି ଅସୁସ୍ଥ ମନେ କରିବେ । ସମସ୍ୟାରେ ପଡ଼ିଯାଇ ପାରନ୍ତି । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ସମୟ ଅନୁସାରେ କାର୍ଯ୍ୟ ପୂରଣ କରିବେ । ଗୁରୁ, ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କଠାରୁ ସହଯୋଗ ପାଇ ଆଗକୁ ବଢ଼ିବେ ।

**ମକର**
ରବି, ସୋମବାରରେ ଉଚ୍ଚସମ୍ମାନର ଅଧିକାରୀ ହେବେ । ଭାଇଭଉଣୀଙ୍କ ସହଯୋଗ ମିଳିବ । ମଙ୍ଗଳ, ବୁଧବାରରେ ଠକାମିରେ ପଡ଼ିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ । ବ୍ୟବସାୟରେ ଯାତ୍ରା ଯୋଗ ରହିଛି ।

**କୁମ୍ଭ**
ରବି, ସୋମବାରରେ କ୍ରୋଧାନ୍ୱିତ ହୋଇ କାର୍ଯ୍ୟ କରି କଷ୍ଟ ପାଇବେ । ଆର୍ଥିକ ସ୍ୱଚ୍ଛଳତା ଦେଖାଦେବେ । ମଙ୍ଗଳ, ବୁଧବାରରେ ପରିବାରଠାରୁ ସୁଖଶାନ୍ତି ଆଶା କରିବେ । ଗୁରୁ, ଶୁକ୍ର, ଶନିବାରରେ ଋଣଗ୍ରସ୍ତ ହୋଇ ଚିନ୍ତିତ ରହିବେ । ବ୍ୟବସାୟିକ ହାନି ହୋଇପାରେ ।

**ମୀନ**
ରବି, ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହେବେ । କାର୍ଯ୍ୟହାନି ଦେଖାଦେବ । ମଙ୍ଗଳ, ବୁଧବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଗୁରୁ, ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ମାନସମ୍ମାନ ପ୍ରାପ୍ତି ହେବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଓଡ଼ିଶାରେ କୃଷି ବିପଣନ



ଡି. ଶୁଭମ୍

ଉତ୍କଳ ପ୍ରଦେଶର ସମାଜ ଓ ସଭ୍ୟତାର ଆଦ୍ୟ ତୂର୍ଯ୍ୟଦାନ କୃଷି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ: "ବାର ମାସ ଖେତେ ମୋ ଲାଗିଥାଏ କାମ, ମାସେ ପକ୍ଷେ କେବେହେଁ ନ ଥାଏ ବିଶ୍ରାମ।" ଏ ଉକ୍ତି ଆମକୁ ଆମ ପ୍ରଗତିଶୀଳ ରାଜ୍ୟରେ କୃଷିର ଭୂମିକାକୁ ସ୍ମରଣ କରାଏ। ଗ୍ରାମାଞ୍ଚଳରେ ଚାଷୀର ଉତ୍ପାଦକୁ ଚାଷ ଜମିରୁ ନେଇ ଖାଉଟିଙ୍କ ପାଖରେ ସିଧାସଳଖ ପହଞ୍ଚାଇବାର ସମନ୍ୱିତ ପ୍ରକ୍ରିୟାକୁ ଗ୍ରାମୀଣ କୃଷି ବଜାର କୁହାଯାଏ । ସାଧାରଣତଃ ବଜାର କହିଲେ ଆମେ ବୁଝୁ ଯେ, ଯେଉଁ ସ୍ଥାନରେ ବିଭିନ୍ନ ପ୍ରକାର ଉତ୍ପାଦକୁ ଖାଉଟିଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଦରରେ ବିକ୍ରୟ କରାଯାଏ। ତେବେ କୃଷି ବଜାରରେ ଏହା କୃଷି ଉତ୍ପାଦ ପାଇଁ ଉଦ୍ଦିଷ୍ଟ ହୋଇଥାଏ। ଏହି ଗ୍ରାମୀଣ କୃଷି ବଜାରରେ ବିହନ ବୁଣିବାଠାରୁ ଏହାର ଅମଳ ସଂରକ୍ଷଣ ଓ ବିପଣନ ପାଇଁ ହୋଇଥାଏ। ଏହା ଗ୍ରାମାଞ୍ଚଳର ଚାଷୀମାନଙ୍କ ଜୀବନ ଜିଇଁବାର ପ୍ରଣାଳୀରେ ପରିବର୍ତ୍ତନ ଆଣିଥାଏ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରେ। ଭାରତର ଭବିଷ୍ୟତ ଗାଁରୁ ହିଁ ଦେଖାଯାଏ। ଏହି ପ୍ରକ୍ରିୟାରେ ଗାଁଗୁଡ଼ିକରେ ଏହି ବ୍ୟବସ୍ଥାକୁ ଅନୁଧ୍ୟାନ କରିବାକୁ ପଡ଼ିବ । ସାଧାରଣତଃ ପ୍ରାଇସ୍, ପ୍ରମୋସନ୍, ପ୍ରଡକ୍ଟ ଓ ପ୍ଲେସ୍ ବା ସ୍ଥାନ ଉପରେ ଗ୍ରାମୀଣ କୃଷି ଅର୍ଥନୀତି ନିର୍ଭର କରେ। ଏହି ଉପାଦାନଗୁଡ଼ିକର ମିଳିତ ସମାହାରରେ ଗୋଟିଏ ବଜାରର ସମନ୍ୱିତ ଉନ୍ନତି ଘଟେ। କୃଷି ବିପଣନ ମାଧ୍ୟମରେ ଗ୍ରାମୀଣ କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ। ଶତାୟୁ ଓଡ଼ିଶାର ବିକାଶର ନକ୍ସାରେ କୃଷି ଓ ଗ୍ରାମ୍ୟ ଅର୍ଥନୀତି ପ୍ରମୁଖ ଭୂମିକା ନିର୍ବାହ କରିବ, ଏହା ନିଃସନ୍ଦେହ।

## ଓଡ଼ିଶାରେ କୃଷି ଉତ୍ପାଦନ ଓ ବିପଣନ


ଆମ ପ୍ରଦେଶର ଅର୍ଥନୀତି କୃଷି ଓ ଆନୁଷଙ୍ଗିକ କୃଷି ଉପରେ ନିର୍ଭର କରେ। ୨୦୨୩-୨୪ରେ ଏହା ରାଜ୍ୟର ସାମଗ୍ରିକ ମୂଲ୍ୟ ସଂଯୋଗର ମୋଟ ୨୦.୪ ଶତକଡ଼ା ଯୋଗୁଥିବା ବେଳେ ୪୮.୧ ଶତକଡ଼ା ଲୋକଙ୍କୁ କାର୍ଯ୍ୟ ଯୋଗାଇଛି। କୃଷି ଓ ଆନୁଷଙ୍ଗିକ କୃଷି ମୁଖ୍ୟତଃ ଚାରୋଟି ଉପାଦାନକୁ ନେଇ ଗଠିତ ହୋଇଥାଏ। ଏଥିରେ ଫସଲ, ପ୍ରାଣୀ ସମ୍ପଦ,ଜଙ୍ଗଲ ଓ ମତ୍ସ୍ୟକୁ ନେଇ ଏହା ପର୍ଯ୍ୟବସିତ। ୨୦୨୨-୨୩ର ରିପୋର୍ଟ ଅନୁସାରେ ଓଡ଼ିଶାର ନିଟ୍ ଚାଷ କ୍ଷେତ୍ରର ପରିମାଣ ୫୪.୬ ଲକ୍ଷ ହେକ୍ଟର ଅଟେ। ଆମ ରାଜ୍ୟର ପ୍ରମୁଖ ଫସଲ ଭାବେ ଧାନକୁ ଗଣା ଯାଇଥାଏ। ଖାଦ୍ୟ ଉତ୍ପାଦର ହାର ଭିତରେ ଦେଶର ସବୁ ରାଜ୍ୟଙ୍କ ମଧ୍ୟରେ ଓଡ଼ିଶାର ସ୍ଥାନ ତ୍ରୟୋଦଶରେ ଅଛି। ଯେଉଁଥିରେ ଏହି ହାରର ପରିମାଣର ହେକ୍ଟର ପିଛା ୨୦୦୧ କିଗ୍ରା ଅଟେ।

ଓଡ଼ିଶାରେ କୃଷି କ୍ଷେତ୍ରରେ ନିୟୋଜିତ ହୋଇଥିବା ଚାଷୀମାନେ ଗ୍ରାମୀଣ କୃଷି ଅର୍ଥନୀତିର ମଙ୍ଗକୁ ସୁଦୃଢ଼ କରିବା ସହ ବିଭିନ୍ନ ଉପାଦାନ ଯଥା- ଫସଲ ଉତ୍ପାଦନ, ମତ୍ସ୍ୟ ଚାଷ, ଫସଲ ଅମଳ ପରବର୍ତ୍ତୀ ପରିଚାଳନା, ପ୍ରାଣୀ ସମ୍ପଦ ପରିଚାଳନା, ମିଶ୍ରିତ କୃଷି ପ୍ରଭୃତିରେ ଯୋଗଦାନ କରିଆସିଛନ୍ତି।



## ପନିପରିବା ଜାତୀୟ ଫସଲ

ବର୍ଷ ସାରା ଚାଷୀମାନେ ବିଭିନ୍ନ ପନିପରିବା ଚାଷ କରି ନିଜର ଜୀବନ ଜୀବିକା ନିର୍ବାହ କରିଥାନ୍ତି। ପନିପରିବା ଉତ୍ପାଦନରେ ଓଡ଼ିଶାର ଅଗ୍ରଗତି ସ୍ୱାଗତଯୋଗ୍ୟ। ୨୦୧୯-୨୦ରେ ଏହି ଉତ୍ପାଦନ ୯୭.୩ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୨୦୨୩-୨୪ ଶେଷ ସୁଦ୍ଧା ପ୍ରାୟ ୧୦୯.୪ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ଭାରତବର୍ଷରେ ଆମ ପ୍ରଦେଶର ସ୍ଥାନ ପନିପରିବା ଉତ୍ପାଦନରେ ସପ୍ତମ ସ୍ଥାନରେ ଅଛି। ୨୦୨୩-୨୪ ସୁଦ୍ଧା ଏହି ଉତ୍ପାଦନର ପରିମାଣ ପ୍ରାୟ ୧୨ ପ୍ରତିଶତରେ ପହଞ୍ଚିଛି। ଓଡ଼ିଶା ବାଇଗଣ ଉତ୍ପାଦନରେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ୨୦୨୩-୨୪ରେ ଟମାଟୋ ଉତ୍ପାଦନ ୧୪.୭ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି। ସେହିପରି ଆଳୁ ଉତ୍ପାଦନରେ ଓଡ଼ିଶା ୪.୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ତେବେ ବାହାର ବଜାରରେ ଏବେ ଆମ ପନିପରିବାଗୁଡ଼ିକର ରପ୍ତାନୀ ମଧ୍ୟ ବହୁଳ ଭାବରେ ଦେଖାଯାଉଛି। ଢେଙ୍କାନାଳର 'କୃଷକ ଉତ୍ପାଦକ ସଂଗଠନ' ଗୁଡ଼ିକ ଅମୃତଭଣ୍ଡାକୁ ଲଣ୍ଡନ ମଧ୍ୟ ରପ୍ତାନୀ କରିବାର ନଜର ରହିଛି। ଓଡ଼ିଶାରୁ ଉତ୍ପାଦିତ ଦ୍ରବ୍ୟ ଏବେ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି।



## ତୈଳବୀଜ ଜାତୀୟ ଫସଲ

ତୈଳବୀଜ ଫସଲର ଉତ୍ପାଦନ ୨୦୧୯-୨୦ରେ ୫.୭ ଲକ୍ଷ ମେଟ୍ରିକ ଟନ୍‌ରୁ ୨୦୨୩-୨୪ରେ ୬ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ପ୍ରାୟତଃ ଅନେକ ଗୁଡ଼ିଏ ତୈଳବୀଜ ଫସଲର ପରିମାଣ କମିଥିବା ବେଳେ କେବଳ ସୂର୍ଯ୍ୟମୁଖୀ ଫସଲର କ୍ଷେତ୍ର ୭.୪ ପ୍ରତିଶତ ବଢ଼ିଛି। ୨୦୨୩-୨୪ର ତୈଳବୀଜ ଜାତୀୟ ଫସଲ ମୋଟ ବୁଣା କ୍ଷେତ୍ରର ୬ ପ୍ରତିଶତ ଅଟେ। ଜାତୀୟ ସ୍ତରର ପରିସଂଖ୍ୟାନକୁ ଲକ୍ଷ୍ୟ କଲେ ତୈଳବୀଜ ଫସଲର କ୍ଷେତ୍ର ଓ ଉତ୍ପାଦନ ଯଥାକ୍ରମେ ୨ ଓ ୧.୫ ପ୍ରତିଶତ ଅଟେ। ଓଡ଼ିଶାରେ ଚିନାବାଦାମ ଚାଷ ଅନେକ ପରିମାଣରେ କରାଯାଉଥିବା ବେଳେ ପରିସଂଖ୍ୟାନର ତଥ୍ୟକୁ ଯଦି ଆମେ ଅନୁମେୟ କରିବା ତାହେଲେ ଓଡ଼ିଶାରେ ଉତ୍ପାଦନ କରାଯାଉଥିବା ମୋଟ ତୈଳବୀଜ ଜାତୀୟ ଫସଲର ୭୦-୭୫ ପ୍ରତିଶତ ଚିନାବାଦାମ ଫସଲ ଅଟେ । ଓଡ଼ିଶାରେ ଦେବୀ, ଧରଣୀ, ଜେଏଲ୍ -୨୪, କାଦ୍ରି ଲେପାକ୍ଷୀ ପ୍ରଭୃତି ପ୍ରମୁଖ ଚିନାବାଦାମ ପ୍ରଜାତି ଭାବରେ ଚାଷୀ ମାନେ ଚାଷ କରିଥାନ୍ତି ।୨୦୨୩-୨୪ ସୁଦ୍ଧା ଚିନାବାଦାମ ଉତ୍ପାଦନ ୪.୨ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ତୈଳବୀଜ ଫସଲ ଉତ୍ପାଦରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ରାଶି ଓ ସୋରିଷ ଅଟେ ।

| ବର୍ଷ | ଫସଲ | ଉତ୍ପାଦନ ପରିମାଣ |
|---|---|---|
| ୨୦୨୩-୨୪ | ଚିନାବାଦାମ | ୪.୨ ଲକ୍ଷ ମେଟ୍ରିକ୍ ଟନ୍ |
| | ରାଶି | ୦.୭ ଲକ୍ଷ ମେଟ୍ରିକ୍ ଟନ୍ |
| | ସୋରିଷ | ୦.୬ ଲକ୍ଷ ମେଟ୍ରିକ୍ ଟନ୍ |



## ଓଡ଼ିଶାର କୃଷକ ବଜାର




ଯଦି ଆମେ ଓଡ଼ିଶାର କଥା ଲକ୍ଷ୍ୟ କରିବା ତାହେଲେ 'ନିଆମ୍'ର ଏକ ସର୍ଭେ ରିପୋର୍ଟ ଅନୁସାରେ ଓଡ଼ିଶା କୃଷି ଉତ୍ପାଦ ବଜାର ଅଧିନିୟମ ୧୯୫୬ ଅନୁସାରେ ଆର୍.ଏମ୍.ସି.ଗୁଡ଼ିକ ଗଠନ ହୋଇଥିଲା । ପ୍ରଥମାବସ୍ଥାରେ ଓଡ଼ିଶାରେ ୫୫ଟି ରାଜସ୍ୱ ସବଡିଭିଜନ୍‌ରେ ୬୫ ଟି ଆର୍.ଏମ୍.ସି. ୪୨୮ଟି ମାର୍କେଟ୍ ୟାର୍ଡ ଗଠନ ହୋଇଥିଲା । ଏଥିରେ ଗୋଟିଏ ସରଳରେଖାରେ ଚାଷୀର ଉତ୍ପାଦ ଚାଷୀଠାରୁ ଆର୍.ଏମ୍.ସି. ଏବଂ ସେଠାରୁ ହୋଲସେଲର୍, ପ୍ରୋସେସର୍ ବା ପ୍ରକ୍ରିୟାକରକ, ରିଟେଲର ଦେଇ ଶେଷରେ ଖାଉଟି ପାଖରେ ପହଞ୍ଚିଥାଏ । ଏହା ସହ ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ୪୩ଟି କୃଷକ ବଜାର ଗଠନ ହୋଇଥିଲା । କିନ୍ତୁ ଏଗୁଡ଼ିକ ଏବେ ସଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଏ ଦିଗରେ ଅଧିକରୁ ଅଧିକ ଯତ୍ନଶୀଳ ହେବାର ସମୟ ଆସିଛି । ଏଗୁଡ଼ିକର ପୁନରୁଦ୍ଧାର ଆମ ପାଇଁ ବଡ଼ ଚ୍ୟାଲେଞ୍ଜ । ଓଡ଼ିଶାରେ କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟ ପାଇଁ ପ୍ୟାକ୍ସ, ନାଫେଡ୍, ଏଫ୍.ସି.ଆଇ, ମାର୍କଫେଡ୍, ପାଣି ପଞ୍ଚାୟତ ପ୍ରମୁଖ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତି ।

## କୃଷି ଉତ୍ପାଦନ କ୍ଲଷ୍ଟର୍

ଓଡ଼ିଶାର ୧୬ଟି ଜିଲ୍ଲାର ପାଖାପାଖି ୧୦୦ଟି ବ୍ଲକ୍‌ରେ ଆରମ୍ଭ କରାଯାଇଥିବା ଏହି ପ୍ରୟାସ ଗ୍ରାମୀଣ ସ୍ତରରେ ଚାଷୀ, ମହିଳା ତଥା ଯୁବ କୃଷି ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଉତ୍ପାଦକୁ ବାହାରେ ବିକ୍ରି କରିବାର ନୂଆ ସୁଯୋଗ ଦେଇଛି । ଜଳବାୟୁ ସହନଶୀଳ କିସମ୍ ବା ୱିନର କ୍ରପ୍ ଚାଷ କରି ଏବେ ୧୭୫୭ଟି ଉତ୍ପାଦକ ସଂଗଠନ ଓ ୬୧ଟି ଉତ୍ପାଦକ କମ୍ପାନୀ ଏବେ ୧୪ଟି ଜିଲ୍ଲାର ୭୩ଟି ବ୍ଲକ୍‌ରେ ୨.୨ ଲକ୍ଷ ମହିଳା ଚାଷୀଙ୍କୁ ନେଇ ସଂଗଠିତ ଅଟେ ।

## ଜୈବ ପ୍ରମାଣିକରଣ : ଏନ୍.ପି.ଓ.ପି. ଓ ପି.ଜି.ଏସ୍.

ଆମ ରାଜ୍ୟରେ ସରକାରୀ ସଂସ୍ଥା ଭାବରେ ଓସୋକା ଚାଷୀମାନଙ୍କର ଜୈବିକ ଜମିକୁ ଜୈବ ପ୍ରମାଣିକରଣ କରିବା ପାଇଁ ପ୍ରତିଷ୍ଠା ହୋଇଛି । ଚାଷୀଙ୍କୁ କମ୍ ମୂଲ୍ୟରେ ଏହି ପ୍ରମାଣିକରଣ ଯୋଗାଇବା ଏନ.ପି.ଓ.ପି.ର ମୁଖ୍ୟ ଉଦ୍ଦେଶ୍ୟ । ସେହିପରି ଏନ୍.ପି.ଓ.ପି. ମାଧ୍ୟମରେ ଓସୋକା ସହାୟତାରେ ଚାଷୀମାନେ ନିଜ ଜାଷ ଜମିକୁ ଜୈବ ପ୍ରମାଣିକରଣ କରିପାରିବେ । ତେବେ ପଞ୍ଜିକରଣ ହେବା ଦିନଠାରୁ ତିନି ବର୍ଷ ପରେ ଚାଷମାନଙ୍କୁ ସମ୍ପୂର୍ଣ୍ଣ ଜୈବିକ ପ୍ରମାଣିକରଣର ପ୍ରମାଣପତ୍ର ମିଳେ । ଏହି ଅବଧି ଭିତରେ ଚାଷୀମାନେ ଜୈବିକ ପ୍ରଣାଳୀକୁ ଅବଲମ୍ବନ କରିବା ଆବଶ୍ୟକ । ଏହା ଦ୍ୱାରା ଚାଷୀ ନିଜର ଜୈବ ଉତ୍ପାଦକୁ ଅନ୍ତର୍ଜାତୀୟ ମାର୍କେଟ ବା ବଜାରରେ ବିକ୍ରୟ କରିପାରେ ।

ଭାରତ ସରକାରଙ୍କ ଅଧୀନସ୍ଥ କୃଷି ଓ ସମବାୟ ବିଭାଗର ଜାତୀୟ ଜୈବିକ କୃଷି ପ୍ରକଳ୍ପ ମାଧ୍ୟମରେ ଜାତୀୟ ଜୈବ କୃଷି କେନ୍ଦ୍ର ଦ୍ୱାରା କାର୍ଯ୍ୟକାରୀ ହେଉଅଛି ପି.ଜି. ଏସ୍. । ଚାଷ କ୍ଷେତର ଜୈବିକ ସ୍ଥିତି ପରିବର୍ତ୍ତନ ସମୟରେ ଯାହାକି ଋତୁକାଳୀନ ଫସଲ ପାଇଁ ୨୪ ମାସ ଓ ଏକବର୍ଷରୁ ଅଧିକ ଅବଧିଯୁକ୍ତ ଫସଲ, ଫଳଗଛ ପାଇଁ ୩୬ ମାସ ପିଜିଏସ୍ ଗ୍ରୀନ ଓ ପରିବର୍ତ୍ତନ ଅବଧି ପରେ ସମସ୍ତ ସର୍ତ୍ତ ପୂରଣ କରୁଥିଲେ । ପି.ଜି.ଏସ୍. ଅର୍ଗାନିକ ଜୈବିକ ପ୍ରମାଣ ପତ୍ର ମିଳିଥାଏ, ଯାହାର ଅବଧି ଏକ ବର୍ଷ ବା ୧୨ ମାସ ଅଟେ। ଏନ.ପି.ଓ.ପି. – ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜୈବିକ ପ୍ରମାଣିକରଣର ଏକ ନୂଆ ଦିଶା । ଏହା ଚାଷୀମାନଙ୍କ ଉତ୍ପାଦକୁ ଭାରତ ଭିତରେ ବିକ୍ରି କରିବା । କୁ ସୁଯୋଗ ସୃଷ୍ଟି କରେ ।

## କୃଷି ବିପଣନରେ ସମସ୍ୟା

### • ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ

ଦେଶର ଜି.ଡି.ପି.ରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବା ବେଳେ ଆମ ରାଜ୍ୟରେ ଚାଷୀମାନେ ବିଭିନ୍ନ ସମୟରେ ପ୍ରମୁଖ ସମସ୍ୟା ଦେଇ ଗତି କରୁଛନ୍ତି । କେତେକ ଚାଷୀ ସରକାରୀ ଯୋଜନାରେ ବାଟବଣା ତ ଆଉ କେତେକ ସଠିକ୍ ସମୟରେ ସଠିକ୍ ତଥ୍ୟ ପାଇବାରୁ ବଞ୍ଚିତ ହେବା ସହ ସମୟ ସହ ତାଳ ଦେଇ ଚାଷ ନ କରିପାରିବା ଯୋଗୁଁ ଏହି ମାସିକ ଆୟରେ ଅଭିବୃଦ୍ଧି ଦେଖାଯାଉନି । ଏହା ମଧ୍ୟରେ ସବୁଠାରୁ ବଡ଼ କାରଣ ହେଉଛି ତୃତୀୟ ପକ୍ଷ ବା ମଧ୍ୟସ୍ଥିମାନଙ୍କର ଅଧିକ ହସ୍ତକ୍ଷେପ । ଚାଷୀଟିଏ ଯେବେ ଧାନ ଅମଳ କରୁଛି ସେବେ ମଣ୍ଡିକୁ ନେବା ପୂର୍ବରୁ ଏହି ମଧ୍ୟସ୍ଥିମାନେ ଗାଁ ଗାଁରେ ଡେରା ପକାଇଥାନ୍ତି । କେବଳ ଧାନ ନୁହେଁ ପନିପରିବା, ଫୁଲ, ଫଳ ସବୁଥିରେ ଏମାନଙ୍କର ଆବଶ୍ୟକତାଠାରୁ ଅଧିକ ହସ୍ତକ୍ଷେପ ଯୋଗୁଁ ଚାଷୀ ତା'ର ଉପଯୁକ୍ତ ମୂଲ୍ୟ ପାଇପାରେ ନାହିଁ କି ସଠିକ୍ ଭାବରେ ବି କ୍ର ୟ କରିପାରେ ନାହିଁ ।

### • ଯାନ୍ତ୍ରିକୀକରଣର ଅଭାବ

ଆମ ରାଜ୍ୟରେ ଅନେକ କ୍ଷୁଦ୍ର ଓ ନାମାମାତ୍ର ଚାଷୀ ଅଛନ୍ତି । ଯେଉଁମାନଙ୍କର ମୋଟ ଜମିର ପରିମାଣ ୦ ରୁ ୨ ହେକ୍ଟର ମଧ୍ୟରେ ଥାଏ । ପ୍ରାୟ ୯୦ ଶତକଡ଼ା ଚାଷୀ ଏହି ମଧ୍ୟରେ ଅଛନ୍ତି । ଏହି ତେବେ ଏହି କ୍ଷୁଦ୍ର ଜମିଗୁଡ଼ିକ ପାଇଁ ଚାଷୀମାନେ ଅନେକ ସମୟରେ ଅଧିକ ଭାବରେ ଅମଳ କରିପାରନ୍ତି ନାହିଁ । ଏଥିରେ ଯାନ୍ତ୍ରିକୀକରଣର ଅସୁବିଧା ହେବା ସହ ଚାଷୀଟିଏ ମନୋକ୍ରପିଙ୍ଗ୍ ବା ଗୋଟିଏ ଜମିରେ ଗୋଟିଏ ଫସଲକୁ ବାରମ୍ବାର ଚାଷ କରିବାକୁ ବାଧ୍ୟ ହୋଇଥାଏ। ଯାହା ଜମିର ମାନ କମାଇଥାଏ । ଅନେକ ସମୟରେ କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣର ସୁବିଧା ଚାଷୀମାନେ ନେଇନଥାନ୍ତି । ସାରା ଭାରତରେ ୬୦-୭୦ ପ୍ରତିଶତ କୃଷି ଯାନ୍ତ୍ରିକୀକରଣ କେବଳ ହଳ, ଅମଳ ଓ ଥ୍ରେସିଙ୍ଗରେ ବ୍ୟବହାର କରାଯାଏ । ଆଜିବି ଅନେକ ଚାଷୀ ଚାଷ ଜମିରେ ମଜୁରି ଲଗାଇ କାମ କରନ୍ତି । ଏସବୁର ପ୍ରମୁଖ କାରଣ କ୍ଷୁଦ୍ର ଜମି । ଫଳରେ ଚାଷୀଟିଏ ନିଜ ହାତରୁ ଅଧିକ ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରେ ନାହିଁ । ଯାହା ଫଳରେ ଉତ୍ପାଦନରେ ହ୍ରାସ ଘଟିଥାଏ ।

### • ଜଳସେଚନର ଅସୁବିଧା


ଶତକଡ଼ା ୮୦ ଭାଗ ଜଳସେଚନ କୃଷିକାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଆମେ ସମସ୍ତେ ଜାଣୁ କୃଷି କ୍ଷେତ୍ରରେ ଜଳସେଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ରାଜଧାନୀ ଭୁବନେଶ୍ୱରର ଭୂତଳ ଜଳସ୍ତର ୨୩ ମିଟର ହ୍ରାସ ପାଇଛି । ଏହି କ୍ରମରେ ରାଜ୍ୟରେ ଭୂତଳ ଜଳସ୍ତର ଧୀରେ ଧୀରେ କମିବାରେ ଲାଗିଛି । ଜଳଶକ୍ତି ମନ୍ତ୍ରାଳୟର ରିପୋର୍ଟ ଅନୁସାରେ ଭାରତରେ ବାର୍ଷିକ ପ୍ରମୁଖ ଭାବରେ ଜଳସେଚନରେ ୨୦୮.୪୯ ବିଲିୟନ କ୍ୟୁବିକ୍ ମିଟର ଭୂତଳ ଜଳ ବ୍ୟବହୃତ ହୋଇଥାଏ । ତେବେ ଆବଶ୍ୟକତାଠାରୁ ଅଧିକ ଏହି ଭୂତଳ ଜଳ ଉତ୍ସର ବ୍ୟବହାର ଏହାର ଅବନତି ଘଟାଇଛି । ଭୂତଳ ଜଳ କୃଷି ପାଇଁ ଅପରିହାର୍ଯ୍ୟ ଏକଥା ଅସ୍ୱୀକାର କରାଯାଇନପାରେ । ବିଭିନ୍ନ ପ୍ରକାର ଫସଲ ଯଥା ଆଖୁ, ଧାନ କପା, ଗହମ ଏହା ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହେଉଛି । ଯାହା କୃଷି ଉତ୍ପାଦନ ଓ ବିପଣନରେ ସମସ୍ୟା ସୃଷ୍ଟି କରେ ।



### • ଶୀତଳଭଣ୍ଡାରର ସମସ୍ୟା

ଅନେକ ସମୟରେ ଚାଷୀମାନେ ଫସଲ ଉତ୍ପାଦନ କରି ଅଧିକ ଦିନ ଗଛିତ କରି ରଖି ନପାରୁଥିବା ହେତୁ ସମସ୍ୟା ସୃଷ୍ଟି ହୁଏ । ଯାହା ଫଳରେ ପନିପରିବା ପଚି ସଢ଼ି ନଷ୍ଟ ହୋଇଥାଏ । ଏହା ବିକ୍ରି ଯୋଗ୍ୟ ହୋଇପାରେ ନାହିଁ । ତେଣୁ ଶୀତଳଭଣ୍ଡାର ଏକ ପ୍ରମୁଖ ସସମ୍ୟା ଭାବରେ କୃଷି ବିପଣନରେ ବାଧା ସୃଷ୍ଟି କରେ ।









# • ଜଳବାୟୁ ପରିବର୍ତ୍ତନ

ଜଳବାୟୁ ପରିବର୍ତ୍ତନ ଚାଷୀ ଆୟ କମାଇବାରେ ପ୍ରମୁଖ ଭୂମିକା ନେଉଛି । ଏହା ଯୋଗୁଁ କେତେବେଳେ ମରୁଡ଼ିର ସ୍ଥିତି ତ କେବେ ଅସହ୍ୟ ହିଟ୍ ୱେଭ୍ ଚାଷ ଓ ଚାଷୀକୁ ବେଶ ପ୍ରଭାବିତ କରୁଛି । ଆମ ରାଜ୍ୟର ଚାଷୀ ମୌସୁମୀ ଉପରେ ନିର୍ଭର କରି ରହିଥାନ୍ତି । କିନ୍ତୁ ଏବେ ବର୍ଷାର ପରିମାଣ କମି କମି ଯାଉଛି । ଏହି ପରିବର୍ତ୍ତନର ଫଳ ସ୍ୱରୂପ ଚାଷର ସମୟ ବଢ଼ିଯିବା ସହ ଚାଷ କାର୍ଯ୍ୟ କରିବା କଷ୍ଟକର ହୋଇଯାଏ । ଏହା ସର୍ବୋପରି କୃଷି, ମୃତ୍ତିକାର ଗୁଣବତ୍ତା, ଗ୍ରାମ୍ୟ ଜୀବନ ତଥା ଚାଷୀକୁଳ ଉପରେ ପ୍ରଭାବ କମାଇଥାଏ । ଯେଉଁ ଚାଷୀମାନଙ୍କର ଚାଷର ଅବଧି ଅଧିକ ସମୟ ଯାଏ, ସେମାନଙ୍କୁ ଜମିରେ ଅଧିକ ପରିଶ୍ରମ, ଜଳସେଚନଠାରୁ ସବୁ ଖର୍ଚ୍ଚ ଅଧିକ ପଡ଼ିଥାଏ । କିନ୍ତୁ ଖର୍ଚ୍ଚ ଅନୁସାରେ ଆୟ ସେତିକି ହୁଏ ନାହିଁ । ଏହା ସହ କୃଷି ସମ୍ପ୍ରସାରଣକୁ ଏ ଦିଗରେ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ସଠିକ୍ ଭାବରେ ସୂଚନା ଚାଷୀଙ୍କ ପାଖରେ ପହଞ୍ଚି ପାରୁନଥିବା ଯୋଗୁଁ ଯେଉଁ ଚାଷୀ ଚାଷ କ୍ଷେତ୍ରରେ କିଛି ସବ୍‌ସିଡି ପାଇବା କଥା ସେଗୁଡ଼ିକୁ ଠିକ୍ ଭାବରେ ପାଇପାରୁନାହିଁ ।

# • ସଚେତନତାର ଅଭାବ

ଅନେକ ସମୟରେ ଚାଷୀମାନଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚି ନପାରିବା ଯୋଗୁଁ ଚାଷୀ ନିଜର ଉତ୍ପାଦକୁ ବିକି ପାରେ ନାହିଁ । ଚାଷୀମାନଙ୍କ ମଧ୍ୟରେ ସଚେତନତା ଅଭାବ ଏହାର ପ୍ରମୁଖ କାରଣ । ଚାଷୀଟିଏ ନିଜେ ପ୍ରଥମେ ବୁଝିବା ଦରକାର ଚାଷ ଜମିରୁ ବାହରିଥିବା ଉତ୍ପାଦକୁ କିପରି ସଠିକ୍ ମୂଲ୍ୟରେ ବିକ୍ରି କରିପାରିବ । ଏ ଦିଗରେ କୃଷି ସମ୍ପ୍ରସାରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ବ୍ୟତୀତ ଗ୍ରାମାଞ୍ଚଳରେ କାମ କରୁଥିବା ସଂସ୍ଥାଗୁଡ଼ିକ ଚାଷୀମାନଙ୍କ ମଧ୍ୟରେ ଏଥିପାଇଁ ଆବଶ୍ୟକୀୟ ସଚେତନତା ବୃଦ୍ଧି କରିବା ଜରୁରି ।



# ସମାଧାନର ସୂତ୍ର

## • ବିହନରୁ ବିପଣନ

ଆମେ ବଜାରକୁ ଦେଖି ଉତ୍ପାଦନ କରିବା ଆବଶ୍ୟକ । ବଜାର ଭିତ୍ତିକ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ସିଡ୍ ଟୁ ସିଡ୍ କେବଳ ନୁହେଁ, ବରଂ ଏବେ ସିଡ୍ ଟୁ ମାର୍କେଟ୍ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଏହା ଦ୍ୱାରା ଆମେ ଅଧିକରୁ ଅଧିକ କୃଷି ଉଦ୍ୟୋଗୀମାନଙ୍କ ସହ ବଜାରକୁ ସଂଯୋଗ କରିପାରିବା । ମାର୍କେଟ ବା ବଜାର ସମ୍ପୂର୍ଣ୍ଣ ଭାବରେ ଅନୁଶୀଳନ କରି ଚାଷ କରିବା ଆବଶ୍ୟକ । ଓଡ଼ିଶାରେ ଅବ୍ୟବହୃତ ଭାବେ ପଡ଼ି ରହିଥିବା କୃଷକ ବଜାରଗୁଡ଼ିକ ପୁନଃସ୍ଥାପନ ସହ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ କରିବା ଦିଗରେ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ଆବଶ୍ୟକ । ଡିମାଣ୍ଡ ଡ୍ରିଭେନ୍ ଚାଷ ବା ଖାଉଟି ଯାହା ଚାହୁଁଛନ୍ତି ସେଗୁଡ଼ିକ ଅଧିକରୁ ଅଧିକ ଉତ୍ପାଦନ ଦିଗରେ ଆମେ ଚାଷ କରିବା ଦରକାର । ଯାହା ଫଳରେ ଡିମାଣ୍ଡ ଆଉ ସପ୍ଲାଏ ମଧ୍ୟରେ ବିଶେଷ ଦୂରତା ରହିବନି ।

## • କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା

ଏବର ସମୟରେ କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ କଥାକୁ ଲକ୍ଷ୍ୟ କଲେ ଆମେ ଚାଷ ଜମିରେ ପାରମ୍ପରିକ ପଦ୍ଧତି ଚାଷ କରିବା ବ୍ୟତୀତ ଚାଷ ଜମିରେ ମାଟିର ଜଳୀୟଅଂଶ ଜାଣିବାଠୁ ନେଇ ଡ୍ରୋନ୍ ସ୍ପ୍ରେ ହେଉ ଅବା ପାଣିପାଗର ସଠିକ୍ ନିରୂପଣ ଏସବୁ ଦିଗରେ ଅନେକ ନୂଆ ତଥ୍ୟ ପ୍ରକାଶ ପାଉଛି । ଦୀର୍ଘସ୍ଥାୟୀ କୃଷିକୁ ମାଧ୍ୟମ କରି ଆମେ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଚିନ୍ତା କରିବା ଆବଶ୍ୟକ ।

## • କୃଷକ ଉତ୍ପାଦକ ସଂଗଠନ

କୃଷକ ଉତ୍ପାଦକ ସଂଗଠନ ବା ଏଫ୍.ପି.ଓ: ଗ୍ରାମୀଣ କୃଷି ବଜାରର ଏ ପ୍ରମୁଖ ମାଧ୍ୟମ । ଏହି ସଂଗଠନ ଗୁଡ଼ିକ ଚାଷୀମାନଙ୍କର ଉତ୍ପାଦକୁ




ସଠିକ ଭାବରେ ବିକ୍ରିବଟା କରିବାରେ ପ୍ରମୁଖ ଭୂମିକା ନେଇ ପାରିବେ । ତେବେ କୃଷକ ଉତ୍ପାଦକ ସଂଗଠନ ବା ଏଫ.ପି.ଓ.ମାନେ ଚାଷୀମାନଙ୍କର ବିକାଶ ଦିଗରେ ମାଇଲଖୁଣ୍ଟ ସାଜିବେ । ଏକ ସ୍ୱଚ୍ଛ ଉପାୟରେ ଚାଷୀଙ୍କଠୁ ଉତ୍ପାଦ କିଣି ତାହାକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବାରେ ଏହି ସଂଗଠନଗୁଡ଼ିକ ସାହାଯ୍ୟ କରିପାରିବେ ।

## • କୃଷି ପ୍ରକ୍ରିୟାକରଣ ଶିଳ୍ପ

ଚାଷୀଙ୍କ ଉତ୍ପାଦିତ ଫସଲ ବିକ୍ରି ନହୋଇ ସଢ଼ିବାଠାରୁ ଯଦି ଆମେ ଏହି ଉତ୍ପାଦର ପ୍ରକ୍ରିୟାକରଣ ଓ ଭାଲ୍ୟୁ ଆଡିସନ୍ ବା ମୂଲ୍ୟ ସଂଯୋଗ ଉପରେ ଗୁରୁତ୍ୱ ଦେବା ତାହେଲେ ଏକ ପ୍ରକାର କୃଷି ବିପଣନର ସମାଧାନ ବାହାରିପାରିବ । କୃଷି ପ୍ରକିୟାକରଣ ଶିଳ୍ପ ଗଠନ କରିବା ସହ ଏଥିରୁ ଅଧିକ ରୋଜଗାର କିପରି ଦିଆଯାଇପାରିବ, ସେ ଦିଗରେ ସରକାର ଚିନ୍ତା କରିବା ଆବଶ୍ୟକ । ଖାଉଟି ଆଉ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଖାଇବା ତଥା ଖାଦ୍ୟ ଗ୍ରହଣ କରିବାର ମାନସିକତା ପରିବର୍ତ୍ତନ କରିବା ଆବଶ୍ୟକ । କାରଣ ଖାଉଟି କେବଳ ଖାଦ୍ୟକୁ ଫୋକସ୍ ନକରି ପୁଷ୍ଟି ବା ନ୍ୟୁଟ୍ରିସନ୍ ଦିଗରେ ମଧ୍ୟ ଚିନ୍ତା କରିବା ଦରକାର ।



ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯




## ମିଶନ ଶକ୍ତି ବଜାର

# ରାଜଧାନୀରେ ଗ୍ରାମୀଣ ଉତ୍ପାଦ

ସୁମିତ୍ରା ସାହୁ, ଭୁବନେଶ୍ୱର

ଭୁବନେଶ୍ୱର ଏସ୍.ଆଇ.ଆର୍.ଡି କ୍ୟାମ୍ପସ୍‌ରେ ରହିଛି ମିଶନ ଶକ୍ତି ବଜାର । ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ପରମ୍ପରାର ଏକ ପ୍ରତୀକ । ଏହି ବଜାର ମିଶନ ଶକ୍ତିର ମହିଳାମାନଙ୍କୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିବାକୁ ଏକ ପ୍ଲାଟଫର୍ମ ଯୋଗାଇ ଦେଇଛି । ଏହା ରାଜ୍ୟ ସରକାରଙ୍କର ମିଶନ ଶକ୍ତି ସଦସ୍ୟାଙ୍କ ସାମାଜିକ ତଥା ଅର୍ଥନୈତିକ ସଶକ୍ତିକରଣ କରୁଛି । ମହିଳାମାନଙ୍କୁ ସଶକ୍ତ କରିବା ସହିତ ଏସ୍‌ଏଚ୍‌ଜିଙ୍କୁ ଏସ୍‌ଏମ୍‌ଇରେ ପରିଣତ କରିବା ଲକ୍ଷ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଜାରର ଶୁଭ ଉଦ୍‌ଘାଟନ କରିଥିଲେ । ଏହାଦ୍ୱାରା ମହିଳାମାନେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଇପାରିବେ । ସେମାନେ ଆର୍ଥିକ ଓ ସାମାଜିକ ସ୍ତରରେ କିଭଳି ପ୍ରତିଷ୍ଠିତ ହୋଇପାରିବେ ସେଥିପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ସରକାର । 'ମିଶନ ଶକ୍ତି ବଜାର'ରେ ବିକ୍ରି ପାଇଁ କ'ଣ କ'ଣ ଉପଲବ୍ଧ ତାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

୨୦୦୧ ମସିହାରେ ରାଜ୍ୟ ସରକାର ମିଶନ ଶକ୍ତିର ଯେଉଁ ପରିକଳ୍ପନା କରିଥିଲେ ତାହା ଆଜି କେବଳ ରାଜ୍ୟ ଭିତରେ ସୀମିତ ନାହିଁ, ବରଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି । ଯେଉଁ ମହିଳାମାନେ ଦିନେ ଘରର ଚାରିକାନ୍ଥ ଭିତରେ ରହୁଥିଲେ ସେମାନେ ଆଜି ଦେଶ ବାହାରକୁ ଯାତ୍ରା କରିବା ସହ ସେମାନଙ୍କ ହାତ ତିଆରି ସାମଗ୍ରୀ ଘରେ ଘରେ ପହଞ୍ଚି ପାରିଛନ୍ତି । ମହିଳାମାନଙ୍କର ଏହି ଯାତ୍ରାକୁ ଆହୁରି ସଶକ୍ତ କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନାର ସଫଳ ରୂପାୟନ ହେଉଛି 'ମିଶନ ଶକ୍ତି ବଜାର' । 'ମିଶନ ଶକ୍ତି' ଓ 'ଓର୍‌ମାସ୍' ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ହାତରେ ଗୁରୁ ଦାୟିତ୍ୱ ଦେଇଥିଲେ ନବୀନ ପଟ୍ଟନାୟକ । ମିଶନ ଶକ୍ତି ବିଭାଗ ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସେହି କ୍ରମରେ ଓରମାସ୍ ପରିସରରେ ମିଶନ୍ ଶକ୍ତି ବଜାର ପ୍ରତିଷ୍ଠା କରାଯାଇଛି ।

### ସୁସ୍ୱାଦୁ ଖାଦ୍ୟଠାରୁ ଜଙ୍ଗଲଜାତ ଦ୍ରବ୍ୟ ଉପଲବ୍ଧ

ଓଡ଼ିଶାର ବିଭିନ୍ନ ମେଳା ମହୋତ୍ସବରେ ମିଳୁଥିବା ବିଭିନ୍ନ ଜିଲ୍ଲାର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମା'ମାନଙ୍କ ଉତ୍ପାଦ ସମାଗ୍ରୀ ବର୍ଷତମାମ ବିକ୍ରି ହେଉଛି ରାଜଧାନୀର 'ମିଶନ ଶକ୍ତି ବଜାର'ରେ । ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଗ୍ରାମୀଣ ଉତ୍ପାଦଠାରୁ ଆରମ୍ଭ କରି ଜଙ୍ଗଲଜାତ ଦ୍ରବ୍ୟ ମିଳୁଛି ହାତ ପାହାନ୍ତାରେ । ଏହି ବଜାରରେ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ, କନ୍ଧମାଳ ହଳଦୀଠାରୁ ଆରମ୍ଭ କରି କୋରାପୁଟ କଫି, ଷ୍ଟ୍ରବେରୀ, ବଡ଼ି, ପାମ୍ପଡ଼, ଆଚାର, ବିଭିନ୍ନ ମସଲା, ମହୁ, ସମେତ ସବାଇ ହସ୍ତଶିଳ୍ପ, ହସ୍ତଖୋଟ ସାମଗ୍ରୀ ବ୍ୟତୀତ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ, କାଇଁଚରୁ ତିଆରି ବିଭିନ୍ନ ସାମଗ୍ରୀ ସହ ମା'ମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ ମଧ୍ୟ ଏଠାରେ ଉପଲବ୍ଧ । କେନ୍ଦ୍ରାପଡ଼ା ରସାବଳିଠାରୁ ଆରମ୍ଭ କରି ନିମାପଡ଼ା ଛେନାଝିଲ୍ଲିର ସ୍ୱାଦ ଚାଖି ପାରୁଛନ୍ତି ରାଜଧାନୀବାସୀ । ମା'ମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି ଓ ମାର୍କେଟ ଲିଙ୍କେଜ୍ ପାଇଁ 'ଓଡ଼ିଶା ଜୀବିକା ମିଶନ' ଓ 'ଓର୍‌ମାସ' ପକ୍ଷରୁ ସହଯୋଗ ଯୋଗାଇ ଦିଆଯାଉଛି । ସେହିପରି ଏହି ବଜାରରେ ଏସ୍‌ଏଚ୍‌ଜିଙ୍କ ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ ମଧ୍ୟ କରାଯାଉଛି । ଯେକୌଣସି ସମୟରେ ଗ୍ରାହକମାନେ 'ମିଶନ ଶକ୍ତି ବଜାର'କୁ ଯାଇ ମା'ଙ୍କ ହାତ ତିଆରି ସାମଗ୍ରୀ କିଣିବା ସାଙ୍ଗକୁ ବୁଲି ଦେଖି ପାରିବାର ସୁଯୋଗ ପାଉଛନ୍ତି । ବୋର୍ଡର ସଦସ୍ୟାମାନେ ବିଭିନ୍ନ ଜିଲ୍ଲାର ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରି କରୁଛନ୍ତି । ଉତ୍ପାଦକ ଗୋଷ୍ଠୀଗୁଡ଼ିକ କରାଯାଇ ବିକ୍ରି ପରେ ଲାଭାଂଶ ସିଧାସଳଖ ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ୍ ଖାତାକୁ ଦିଆଯାଉଛି । ତେବେ ରାଜଧାନୀର ଏକ ପ୍ରାଇମ୍ ଲୋକେସନ୍‌ରେ ୧୦ ହଜାର ବର୍ଗଫୁଟ ପରିମିତ ଜାଗାରେ ନିର୍ମିତ ଏହି ମିଶନ ଶକ୍ତି ବଜାର ରାଜ୍ୟର ମହିଳାମାନଙ୍କ ସଫଳତାର ଏକ ଇତିହାସ ସୃଷ୍ଟି କରିଛି ।







## ଅନ୍‌ଲାଇନ ଓ ଅଫ୍‌ଲାଇନ୍‌ରେ ବିକ୍ରି

ଘରେ ଘରେ ପହଞ୍ଚିପାରୁଛି ମିଶନ ଶକ୍ତି ମହିଳାଙ୍କ ଉତ୍ପାଦ। ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ବଜାରରେ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଦ୍ୱାରା ସମସ୍ତ ସାମଗ୍ରୀ ବିକ୍ରି କରାଯାଉଛି । ଏଥିରେ ସମଗ୍ର ରାଜ୍ୟର ମିଶନ ଶକ୍ତି ଗ୍ରୁପ୍‌ର ଉତ୍ପାଦଗୁଡ଼ିକ ବିକ୍ରି ପାଇଁ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି । ଖୋର୍ଦ୍ଧା ମାତୃଶକ୍ତି ଫାର୍ମର୍ସ ପ୍ରଡ୍ୟୁସର (କେଏମ୍‌ଏଫ୍‌ପି) କମ୍ପାନୀ ଦ୍ୱାରା ଏହି ବଜାର ପରିଚାଳିତ ହେଉଛି । ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଅଂଶୀଦାର ଭାବେ ରହିଛନ୍ତି । ରାଜ୍ୟର ଲକ୍ଷ ଲକ୍ଷ ମହିଳା ଏଥିରେ ସାମିଲ ହୋଇ ସେମାନଙ୍କ ଉତ୍ପାଦ ବିକ୍ରି କରିପାରୁଛନ୍ତି । ରାଜ୍ୟରେ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ପ୍ରୋତ୍ସାହିତ ଓ ବିକ୍ରି କରିବା କେଏମ୍‌ଏଫ୍‌ପି ଓ ମିଶନ ଶକ୍ତି ବିଭାଗର ମୂଳ ଲକ୍ଷ୍ୟ । ପ୍ରଡ୍ୟୁସର କମ୍ପାନୀଗୁଡ଼ିକ ବୈଷୟିକ ସେବା ଏଜେନ୍ସି ଭାବେ କାର୍ଯ୍ୟ କରୁଛନ୍ତି । ମିଶନ ଶକ୍ତି ବଜାରରେ ଲୋକେ ଝାଡୁଠାରୁ ପାଟଶାଢ଼ି, ବେତ ସୋଫା, ଘରକରଣା ଜିନିଷ, ମିଲେଟ୍ ଉତ୍ପାଦ, ପଟ୍ଟଚିତ୍ର, ପେଣ୍ଟିଂ, କନ୍ଧମାଳ ହଳଦୀ ସମେତ ଶହ ଶହ ପ୍ରକାର ଉତ୍ପାଦ କିଣିବାର ସୁବିଧା ପାଇପାରୁଛନ୍ତି ।

## ଜନଜାତି ଖାଦ୍ୟଠୁ ଘରକରଣା ସାମଗ୍ରୀ ବେପାର

'ଆଦିଶା' ଷ୍ଟୋର୍‌ରେ ଲଘୁ ବନଜାତ ଦ୍ରବ୍ୟ, କୃଷି ଉତ୍ପାଦିତ ଦ୍ରବ୍ୟ, ଜନଜାତି ହସ୍ତତନ୍ତ, ହସ୍ତକଳା, ହସ୍ତଶିଳ୍ପ, ଅଳଙ୍କାର, ମସଲା, ଚିତ୍ରକଳା, ବିଭିନ୍ନ ଖାଦ୍ୟ ସାମଗ୍ରୀ ଆଦି ଲୋକେ ସୁବିଧାରେ ପାଇପାରୁଛନ୍ତି । ମାଣ୍ଡିଆ ବିସ୍କୁଟ୍, ପିଠା, ମାଣ୍ଡିଆରେ ପ୍ରସ୍ତୁତ ପାଉଁରୁଟି ବା ବ୍ରେଡ୍ ଭଳି ସ୍ୱାସ୍ଥ୍ୟ ହିତକର ଜନଜାତି ଖାଦ୍ୟର ବ୍ୟାପକ ବଜାର ସୃଷ୍ଟି ନିମନ୍ତେ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ କରାଯାଇଥିବା ଜଣାଯାଏ । ଷ୍ଟୋର୍‌ଗୁଡ଼ିକରୁ ଗ୍ରାହକମାନେ ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଶୁଦ୍ଧ ଖାଦ୍ୟ ସାମଗ୍ରୀ ଏବଂ ଘରକରଣା ସାମଗ୍ରୀ କିଣିପାରିବେ ।





## ୬ ଜିଲ୍ଲାରେ ୧୧ଟି ଜନଜାତି ଷ୍ଟୋର୍

ଟିଡିସିସିଓଏଲ୍ ତରଫରୁ ରାଜ୍ୟର ୬ ଜିଲ୍ଲାରେ ଏଭଳି ୧୧ଟି ସ୍ୱତନ୍ତ୍ର ଷ୍ଟୋର୍ ଖୋଲାଯାଇଛି । ଏହି ଷ୍ଟୋର୍‌ଗୁଡ଼ିକରୁ ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ଘରକରଣା ସାମଗ୍ରୀ, ହସ୍ତତନ୍ତ ଦ୍ରବ୍ୟ ଗ୍ରାହକମାନେ କିଣିପାରିବେ । ଏହାବ୍ୟତୀତ ଏକ ଭ୍ରାମ୍ୟମାଣ ଷ୍ଟୋର୍ 'ଟ୍ରାଇବାଲ୍ସ ଅନ୍ ହ୍ୱିଲ୍ସ'ର ବ୍ୟବସ୍ଥା କରାଯାଇଛି । ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଯେପରି ରାଜ୍ୟର ଜନଜାତିମାନଙ୍କ ସାମଗ୍ରୀ ପହଞ୍ଚି ପାରିବ ଓ ତାହାର ଉପାଦେୟତା ସମ୍ପର୍କରେ ଲୋକେ ଜାଣିପାରିବେ ତାହାକୁ ଦୃଷ୍ଟିରେ ରଖି ଉତ୍କୃଷ୍ଟମାନର ପ୍ୟାକେଜିଂ କରାଯାଉଛି । ସେହିପରି ଆଦିବାସୀଙ୍କ ଉତ୍ପାଦକୁ ରାଜ୍ୟ ତଥା ଦେଶ ବାହାରେ ପହଞ୍ଚାଇବା ପାଇଁ ବିଭାଗ ପକ୍ଷରୁ ଏକ ଇ-କର୍ମସ ୱେବସାଇଟ୍ ମଧ୍ୟ ଖୋଲାଯାଇଛି । ଏହା ଜରିଆରେ ଲୋକମାନେ ଘରେ ବସି ଆଦିବାସୀ ଉତ୍ପାଦକୁ ପାଇପାରୁଛନ୍ତି । ଆଦିବାସୀଙ୍କୁ ସିଧାସଳଖ ମାର୍କେଟ ଯୋଗାଇ ଦେବା ହେଉଛି ଏହି ଷ୍ଟୋରର ମୁଖ୍ୟ ଉଦ୍ଦେଶ୍ୟ । ରାଜଧାନୀରେ ୪ଟି ଷ୍ଟୋର ରହିଥିବା ବେଳେ 'ଆଦିଶା' ହେଉଛି ରାଜ୍ୟରେ ୧୨ ନଂ ଷ୍ଟୋର୍ । ଏହି ସବୁ ଷ୍ଟୋରରେ ଏକ ହଜାରରୁ ଅଧିକ ଆଦିବାସୀ ଉତ୍ପାଦ ଉପଲବ୍ଧ ହେଉଛି । ରାଜ୍ୟରେ ଆଦିବାସୀମାନେ କିଭଳି ଉଚ୍ଚକୋଟୀର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଏହା ଜରିଆରେ ଦେଶ ତଥା ଦେଶ ବାହାରର ଲୋକମାନେ ଜାଣିପାରିବେ । 'ଆଦିଶା'ରୁ ଲୋକମାନେ ଆଦିବାସୀମାନଙ୍କର ସାମଗ୍ରୀ କିଣିବାର ଏକ ଭିନ୍ନ ଅନୁଭୂତି ପାଇପାରୁଛନ୍ତି ।



## ଜନଜାତି ଖାଦ୍ୟର ବଜାର 'ଆଦିଶା'

ଆଦିବାସୀମାନଙ୍କ ବିଭିନ୍ନ ସାମଗ୍ରୀର ବ୍ୟାପକ ବ୍ୟବସାୟ ନିମନ୍ତେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ । ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ଜନଜାତି ଷ୍ଟୋର୍ 'ଆଦିଶା' ଖୋଲାଯାଇଛି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଭୁବନେଶ୍ୱର ରୁପାଲି ଛକସ୍ଥିତ ଟିଡିସିସିଓଏଲ୍ ପରିସରରେ ଖୋଲିଥିବା ଏହି ଅତ୍ୟାଧୁନିକ ଷ୍ଟୋର୍‌ରେ ଗ୍ରାହକମାନେ ଓଡ଼ିଶା ଜନଜାତିମାନଙ୍କ ବିଭିନ୍ନ ସାମଗ୍ରୀ କିଣିବାର ସୁଯୋଗ ପାଇପାରୁଛନ୍ତି ।






## ବିଶ୍ୱ ବଜାରରେ ପହଞ୍ଚିବ କୋରାପୁଟ କଫି




ରାଜ୍ୟ ଏବଂ ରାଜ୍ୟ ବାହାରେ କୋରାପୁଟ କଫିର ବିଶେଷ ଚାହିଦା ରହିଛି । ଏହାର ସ୍ୱାଦ ଅନ୍ୟ ଅଞ୍ଚଳରେ ମିଳୁଥିବା କଫିଠାରୁ ବେଶ୍ ନିଆରା । ଏଥିରେ ଯେଉଁ ଔଷଧୀୟ ଗୁଣ ରହୁଛି, ତାହା ଆଉ କେଉଁ କଫିରେ ଦେଖିବାକୁ ମିଳେନା । ଦିନକୁ ଦିନ କୋରାପୁଟ କଫିର ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଚାଷୀଙ୍କ ସଂଖ୍ୟା ମଧ୍ୟ ବଢୁଥିବା ପରିଲକ୍ଷିତ ହେଉଛି । ଏହାକୁ ଦୃଷ୍ଟିରେ ରଖି କୋରାପୁଟ କଫିର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଚଳାଇଛି ଟିଡିସିସିଓଏଲ୍ । ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦା ବୃଦ୍ଧି ପାଇଁ ସ୍ୱତନ୍ତ୍ର ବ୍ରାଣ୍ଡିଂ ସହ ବୈଜ୍ଞାନିକ ପଦ୍ଧତିରେ ପ୍ୟାକେଜିଂ କରାଯାଇଛି । ଆଦିଶା ବ୍ରାଣ୍ଡରେ ଏହି କଫି ବିକ୍ରି ହେବା ସହ ଅନ୍‌ଲାଇନ୍‌ରେ ଉପଲବ୍ଧ ହେଉଛି । ଏହାସହ ଭୁବନେଶ୍ୱରରେ ଥିବା ଆଦିଶା ଷ୍ଟୋର୍‌ରେ କୋରାପୁଟ କଫି ପାଇଁ ସ୍ୱତନ୍ତ୍ର କ୍ୟାଫେଟେରିଆ ପ୍ରତିଷ୍ଠା ହୋଇଛି । ଜନଜାତିମାନଙ୍କ ଦ୍ୱାରା ସବାଇ ଘାସରେ ପ୍ରସ୍ତୁତ ଚେୟାରରେ ବସି ଲୋକେ ଏହି ବିଶ୍ୱପ୍ରସିଦ୍ଧ କୋରାପୁଟିଆ କଫିର ମଜା ନେଇ ପାରୁଛନ୍ତି ।

# କୋରାପୁଟ କଫିର ବିପଣି

ସୁବୋଧ କୁମାର ଚେଟ୍ଟୀ, କୋରାପୁଟ





କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ୍ ମଧ୍ୟରୁ ୭ଟିରେ କଫି ଚାଷ ପାଇଁ ଜଳବାୟୁ ଉପଯୁକ୍ତ। ପ୍ରଥମେ ୧୯୩୦ ମସିହାରେ ଜୟପୁର ରାଜ ପରିବାର କଫି ଚାଷ ଆରମ୍ଭ କରିଥିବା ଜଣାଯାଏ। ଜୟପୁର ରାଜ ପରିବାର ସେତେବେଳେ ଜୟପୁର-ଲମତାପୁଟ ରାସ୍ତାରେ ଥିବା ପେଟାଘାଟିରେ କଫି ଚାଷ କରିଥିଲେ। ଜୟପୁର ରାଜ ପରିବାରଙ୍କ କଫି ଚାଷ ହିଁ କୋରାପୁଟରେ କଫି ଚାଷର ମୂଳଦୂଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ପରବର୍ତ୍ତୀ ସମୟରେ ଲମତାପୁଟ ବ୍ଲକ୍‌ର ଅନକାଡେଲିରେ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ଆରମ୍ଭ ହେବା ପରେ ଜଳ ଭଣ୍ଡାର ଚାରିପାଖେ ଥିବା ଜମିର ସୁରକ୍ଷା ପାଇଁ ରାଜ୍ୟ ସରକାର ସେତେବେଳେ ଅନକାଡେଲି, ମାଛକୁଣ୍ଡ, ଜଲାପୁଟ, ଚାଟୁଆ, ନନ୍ଦପୁର, ପାଡୁଆ ଅଞ୍ଚଳରେ ଆରମ୍ଭ କରିଥିଲେ ରିଭର ଭେଲି ପ୍ରୋଜେକ୍ଟ। ଉକ୍ତ ପ୍ରୋଜେକ୍ଟ ଅନୁଯାୟୀ ରାଜ୍ୟ ସରକାର ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ୧୯୬୦ ମସିହାରେ ପ୍ରାୟ ଦୁଇ ହଜାର ଏକର ଜମିରେ ଛାୟାବୃକ୍ଷ ରୋପଣ ଏବଂ କଫି ଚାଷ ଆରମ୍ଭ କରିଥିଲେ। ଏହା ଫଳରେ ଜଳଭଣ୍ଡାର ଅଞ୍ଚଳର ମୃତ୍ତିକା ସଂରକ୍ଷଣ ହେବା ସହ ସେହି ଅଞ୍ଚଳର ଗରିବ ଲୋକଙ୍କ ପାଇଁ ରୋଜଗାରର ପନ୍ଥା ମିଳି ପାରିଲା। କଫି ଚାଷ ପାଇଁ ଗରିବମାନଙ୍କୁ ପରିବାର ପିଛା ୨ ଏକର ଜମି ସରକାର ଦେଇଛନ୍ତି। ଅନ୍ୟ ପକ୍ଷରେ ଭାରତ ସରକାରଙ୍କ କଫି ଗବେଷଣା ସଂସ୍ଥା ତଥା କଫି ବୋର୍ଡ କୋରାପୁଟ ଜିଲ୍ଲାରେ ସର୍ବେକ୍ଷଣ କରି ଏହି ଅଞ୍ଚଳର ମାଟି ଏବଂ ଜଳବାୟୁ କଫି ଚାଷ ପାଇଁ ଅନୁକୂଳ ବୋଲି ରିପୋର୍ଟ ଦେବା ପରେ ରାଜ୍ୟ ସରକାର ଜିଲ୍ଲାରେ କଫି ଚାଷ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନସ୍ଥ କଫି ଉନ୍ନୟନ ଶାଖା ଦ୍ୱାରା ଏହା କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। କୋରାପୁଟ ଜିଲ୍ଲାର ୧୦, ୦୦୦ ହେକ୍ଟର ଅଞ୍ଚଳ କଫି ଚାଷ ପାଇଁ ଉପଯୋଗୀ ବୋଲି କଫି ଗବେଷଣା ସଂସ୍ଥା ସେତେବେଳେ ପ୍ରସ୍ତାବ ଦେଇଥିଲା। ଏହି କ୍ରମରେ ଜିଲ୍ଲାର କୋରାପୁଟ, ଦଶମନ୍ତପୁର, ଲକ୍ଷ୍ମୀପୁର, ସେମିଳିଗୁଡ଼ା, ପଟ୍ଟାଙ୍ଗି, ନନ୍ଦପୁର ଏବଂ ଲମତାପୁଟ ବ୍ଲକ୍‌ରେ କଫି ଚାଷ କରିବାକୁ ବିଭାଗ ପକ୍ଷରୁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇଥିଲା।

## ୧୯୮୦ରେ ଘରୋଇ କଫି ଚାଷ ଆରମ୍ଭ

କଫି ଚାଷରେ ଅଧିକ ଲାଭ ହେଉଥିବା ଦେଖି ଅନେକ ଚାଷୀ ଏବଂ ଉଦ୍ୟୋଗୀ ଘରୋଇ ମାଲିକାନାରେ କଫି ଚାଷ କରି ବେଶ ସଫଳତା ପାଇଥିବା ନଜିର ରହିଛି । ୧୯୮୦ ମସିହାରେ କେତେକ ଯୁବ ଉଦ୍ୟୋଗୀ ଏବଂ ଚାଷୀ କଫି ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। କଫିକୁ ଏକ ରାଜକୀୟ ଚାଷ ଭାବେ ଗ୍ରହଣ କରି ଅନେକ ଶିକ୍ଷିତ ଯୁବକ କଫି ଚାଷ ପାଇଁ ମନ ବଳାଇଲେ। ଜଲାପୁଟ, ଅନକାଡେଲି, ଲମତାପୁଟ, ଦଶମନ୍ତପୁର, କାକିରିଗୁମା, ଦାମନଯୋଡି, ସେମିଳିଗୁଡ଼ା, ନନ୍ଦପୁର, ପାଡୁଆ ଅଞ୍ଚଳରେ ବେସରକାରୀ ଫାର୍ମ ଏବଂ ବ୍ୟକ୍ତି ବିଶେଷ ଶହ ଶହ ହେକ୍ଟର ଜମିରେ କଫି ଚାଷ କରି ଲକ୍ଷ ଲକ୍ଷ ଟଙ୍କା ଆୟ କରୁଥିବାବେଳେ ଛାୟାବୃକ୍ଷ ଭାବେ ଗୋଲମରିଚ ଚାଷ କରି ସେଥିରୁ ମଧ୍ୟ ବେଶ୍ ରୋଜଗାର କରିପାରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଘରୋଇ ଭାବେ କଫି ଚାଷ କରାଯାଉଛି। ସେହିପରି ସରକାରୀ ସ୍କିମ୍‌ରେ ଅନୁସୂଚୀତ ଜାତି ବର୍ଗର ଲୋକଙ୍କ ପାଇଁ ଦୁଇ ହଜାର ହେକ୍ଟର ଜମିରେ କଫି ଚାଷ କରାଯାଉଛି। ସେହିପରି କଫି ଚାଷ କୋରାପୁଟ ଜିଲ୍ଲାରେ ଅନେକ ଲୋକଙ୍କୁ ରୋଜଗାର ଦେଉଥିବାବେଳେ ଉଚ୍ଚ ଶିକ୍ଷିତ ଯୁବ ଗୋଷ୍ଠୀ ମଧ୍ୟ ଏଥିପ୍ରତି ମନ ବଳାଉଛନ୍ତି। କୋରାପୁଟ ଜିଲ୍ଲାରେ ଉତ୍ପାଦିତ କଫିର ସ୍ୱାଦ ସ୍ୱତନ୍ତ୍ର, ଅନ୍ୟ ରାଜ୍ୟର କଫି ତୁଳନାରେ କୋରାପୁଟ ଜଳବାୟୁରେ ଉତ୍ପାଦିତ କଫିର ଚାହିଦା ଯଥେଷ୍ଟ ରହିଛି। ଓଡ଼ିଶାରେ ଯେଉଁ ପ୍ରକାର ସରକାରୀସ୍ତରରେ ପ୍ରୋତ୍ସାହନ ଦିଆ ଯାଉଛି ତାହା ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି। ତେଣୁ ଅନ୍ୟ ରାଜ୍ୟ ଭଳି କଫିଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ ଦାବି ହେଉଛି।





## ବିଦେଶରେ କୋରାପୁଟ କଫି

କଫି ଏକ ମୃଦୁ ପାନୀୟ ଭାବେ ବେଶ୍ ଲୋକପ୍ରିୟ । ପୃଥିବୀର ଶତକଡ଼ା ୭୫ ଭାଗ ଲୋକେ ଚାହା କିମ୍ବା କଫି ପିଇ ଥାଆନ୍ତି । ଆର୍ନ୍ତଜାତୀୟ ବଜାରରେ ଚାହା ପାଇଁ ଆସାମ ଯେପରି ପ୍ରସିଦ୍ଧ, ସେହିପରି କଫି ପାଇଁ ବର୍ତ୍ତମାନ କୋରାପୁଟ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି । କୋରାପୁଟ କଫିର ଚାହିଦା ଦିନକୁ ଦିନ ବିଦେଶରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । କୋରାପୁଟ କଫିର ସ୍ୱାଦ, ଗୁଣବତ୍ତା ବ୍ରାଜିଲ୍ ଏବଂ କଲମ୍ବିଆରେ ଉତ୍ପାଦିତ କଫିଠାରୁ ଭଲ ରହୁଛି । ତେଣୁ ଆମେରିକା, ୟୁରୋପ୍, ସାଉଦି ଆରବ ଭଳି ଦେଶକୁ କୋରାପୁଟ କଫି ରପ୍ତାନୀ କରାଯାଉଛି । ଟାଟା କଫି ଲିମିଟେଡ୍ କୋରାପୁଟ କଫି କିଣି ଷ୍ଟାର୍ ବକ୍ସକୁ ବିକ୍ରି କରିବା ସହ ୟୁରୋପକୁ ରପ୍ତାନୀ କରୁଛି ।




## ରାଜ୍ୟରେ କୋରାପୁଟ କଫିର ଚାହିଦା ଅଧିକ

କୋରାପୁଟ କଫି ଚାଷୀଙ୍କ ଦୀର୍ଘଦିନର ଦାବି ଗ୍ରହଣ କରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର କୋରାପୁଟ କଫିର ବିକ୍ରି ନିମନ୍ତେ 'କୋରାପୁଟ କଫି' ନାଁରେ ଏକ ବ୍ରାଣ୍ଡ ସୃଷ୍ଟି କରିଛନ୍ତି । ଏହା ଜିଲ୍ଲାର କଫି ଚାଷୀଙ୍କ ପାଇଁ ଶ୍ରେଷ୍ଠ ପୁରସ୍କାର ବୋଲି ଜିଲ୍ଲାର କଫି ଚାଷୀମାନେ କହିଛନ୍ତି ।

କିନ୍ତୁ ଏଥିରେ କେବଳ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ଆଦିବାସୀ ବର୍ଗର ଚାଷୀଙ୍କ କଫି ହିଁ କିଣା ଯାଉଥିବାରୁ ଅଣ ଆଦିବାସୀ ବର୍ଗର ଚାଷୀ ଉପକୃତ ହୋଇ ପାରୁନାହାନ୍ତି । ରାଜ୍ୟର ପ୍ରମୁଖ ସହରରେ ଏବେ କୋରାପୁଟ କଫିର ବେଶ୍ ଚାହିଦା ବୃଦ୍ଧି ପାଇଥିବାବେଳେ ଆମାଜନ୍ ଅନଲାଇନ୍ ମାର୍କେଟିଂ ସଂସ୍ଥା କୋରାପୁଟ କଫି ବିକ୍ରି କରିବା କୋରାପୁଟ ପାଇଁ ଗର୍ବର ବିଷୟ । ତେବେ ଏଥିରେ ଘରୋଇ ଚାଷୀଙ୍କ କଫି ମଧ୍ୟ ସାମିଲ କରାଯିବାକୁ ଦାବି ହେଉଛି ।

## ଗୋଟିଏ କପ୍ କଫିର ଦାମ ୩ ହଜାରରୁ ଅଧିକ

ସାରା ବିଶ୍ୱରେ କୋରାପୁଟ କଫିର ଚାହିଦା ବଢୁଛି । ବିଶ୍ୱ ବଜାରରେ କୋରାପୁଟ କଫି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବର୍ତ୍ତମାନ ସମୟରେ କଫିର ହବ୍ କୋରାପୁଟ ପାଲଟିଥିବା ବେଳେ ଏକ ସମ୍ଭ୍ରାନ୍ତ 'ସିବେଟ୍ କଫି'ର ଚାହିଦା ସାରା ବିଶ୍ୱରେ ରହିଛି । ଏକ ସ୍ୱତନ୍ତ୍ର ନେଉଳ ଜାତୀୟ ସିବେଟ୍ କ୍ୟାଟ୍ ମଳରୁ ତିଆରି ହେଉଥିବା ଏହି କଫି ବହୁତ କମ୍ ପରିମାଣରେ ଉତ୍ପାଦିତ ହେଉଥିବା ବେଳେ ଏହାର ସ୍ୱତନ୍ତ୍ର ଗ୍ରାହକ ରହିଛନ୍ତି । ଯାହା ଏବେ କୋରାପୁଟରେ ପ୍ରସ୍ତୁତ ହେବା ସହ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । 'ବ୍ରାଉନ୍ ଭ୍ୟାଲି କଫି' ବଗିଚାର ସିବେଟ୍ କ୍ୟାଟ୍ଙ୍କ ଦ୍ୱାରା ପ୍ରସ୍ତୁତ କଫି ଦେଶ ତଥା ବିଦେଶରେ ବେଶ୍ ଚାହିଦା ରହିଛି । ଦେଶର ବଡ଼ ବଡ଼ କାଫେରେ ଏହାର ଅଧିକ ଚାହିଦା ରହିଛି । ଗୋଟିଏ କପ୍ କଫିର ଦାମ ବଜାରରେ ୧ ହଜାରରୁ ଆରମ୍ଭ ହୋଇ ପ୍ରାୟ ୩୫୦୦ ଟଙ୍କାରେ ବିକ୍ରି ହେଉଛି ।







## ବେଙ୍ଗାଲୁରୁ ବଜାରରେ କୋରାପୁଟ କଫି

କୋରାପୁଟ କଫି ବିକ୍ରି ପାଇଁ କୋରାପୁଟ କିମ୍ବା ନିକଟସ୍ଥ କୌଣସି ସହରରେ ବଜାର ନଥିବା ଏକ ବଡ଼ ସମସ୍ୟା । ସାଧାରଣତଃ କୋରାପୁଟ ଜିଲ୍ଲାରେ ଉତ୍ପାଦିତ କଫି ବେଙ୍ଗାଲୁରୁ ବଜାରରେ ବିକ୍ରି ହୋଇଥାଏ । ତେଣୁ ସେଠାକାର ବ୍ୟବସାୟୀ ଉତ୍ପାଦନ ସମୟରେ ଆସି କଫି ଓ ଗୋଲମରିଚ କିଣି ଥାଆନ୍ତି । ବ୍ୟବସାୟୀ ଏଠାରୁ କଞ୍ଚାମାଲ ନେଇ ବେଙ୍ଗାଲୁରୁରେ ପ୍ରୋସେସିଂ କରିବା ପରେ ଚାଷୀଙ୍କୁ ପଇସା ଦେଇ ଥାଆନ୍ତି । ତେଣୁ ଅନେକ ସମୟରେ ଚାଷୀ ଓଜନରେ ଠକାମିର ଶିକାର ମଧ୍ୟ ହେଉଛନ୍ତି । ଜିଲ୍ଲାରେ ଏକ କଫି ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହେଉଛି । ବର୍ତ୍ତମାନ କୋରାପୁଟ ବ୍ଲକ୍ ମହାଦେଇପୁଟ ପଞ୍ଚାୟତର ଏକଡେଲ୍ଲିରେ ଏକ ପ୍ରାଇଭେଟ୍ କମ୍ପାନୀ କଫି ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା କରିଛନ୍ତି । ତେବେ ଏହି କମ୍ପାନୀ କେବଳ ଟିଡିସିସି ମାଧ୍ୟମରେ ଆଦିବାସୀ ଚାଷୀଙ୍କ କଫି କିଣି ପ୍ରୋସେସିଂ କରୁଥିବାରୁ ଅନ୍ୟ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେତେକ କଫି ଚାଷୀ ବାଧ୍ୟ ହୋଇ ନିଜସ୍ୱ ପ୍ରଚେଷ୍ଟାରେ ଛୋଟ ଛୋଟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା କରି କଫି ସମେତ ଗୋଲମରିଚ, ଡାଲଚିନିକୁ ପ୍ୟାକିଂ କରି ନିଜ ବ୍ରାଣ୍ଡରେ ବଜାରରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି । କଫି ଚାଷୀମାନେ ନିଜେ ସ୍ୱାବଲମ୍ବୀ ହେବା ସହ ହଜାର ହଜାର ଲୋକଙ୍କୁ ରୋଜଗାର ଦେଉଛନ୍ତି ।

## "ସବୁଠି କୋରାପୁଟ କଫିର ଚାହିଦା"



ଆମେରିକାର ସାଉଥ୍ ଡାକୋଟାସ୍ଥିତ ପ୍ୟୁର୍ ବିନସ୍ ପକ୍ଷରୁ କୋରାପୁଟ କଫି କିଣାଯାଉଛି । କିଛି ମାସ ପୂର୍ବରୁ ପ୍ୟୁର୍ ବିନସ୍ ରୋଷ୍ଟର ନିକ୍ ରିଡ୍ ଆମର 'ବ୍ରାଉନ୍ ଭ୍ୟାଲି କଫି ଫାର୍ମ' ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ । ସାଉଥ୍ ଡାକୋଟାରେ ଉକ୍ତ କଫିର ଚାହିଦା ଦେଖି ସେ ପ୍ରାଥମିକ ପର୍ଯ୍ୟାୟରେ ୧ ମେଟ୍ରିକ୍ ଟନ୍ କଫି କିଣି ରପ୍ତାନୀ କରିଛନ୍ତି । ସେହିପରି ପୁଡୁଚେରୀ ଅରୋଭିଲେର କଫି ଆଇଡିଆଜ୍ କୋରାପୁଟ କଫି କ୍ରୟ କରି ଆନ୍ୟାନ୍ୟ ଦେଶରେ ବିକ୍ରି କରୁଛନ୍ତି । ଆମ 'ବ୍ରାଉନ ଭ୍ୟାଲି' ବ୍ରାଣ୍ଡର କଫି ଭୁବନେଶ୍ୱର ଏବଂ ମୁମ୍ବାଇରେ ମଧ୍ୟ ବିକ୍ରି କରାଯାଉଛି । ■

**ସୁଜୟ କୁମାର ପ୍ରଧାନ**
ମାଲିକ, ବ୍ରାଉନ୍ ଭ୍ୟାଲି କଫି ଫାର୍ମ

## "ଏକର ପିଛା ଦେଢ଼ ଲକ୍ଷରୁ ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ"



କଫି ଚାଷ ଏକ ରାଜକୀୟ ଚାଷ । କଫି ଚାଷ ଜମିରେ ଗୋଲମରିଚ ଚାଷ ମଧ୍ୟ କରାଯାଇଥାଏ । ଏହା ଯୋଗୁଁ ଚାଷୀଙ୍କୁ କଫି ସହ ଅତିରିକ୍ତ ଲାଭ ଗୋଲମରିଚରେ ମିଳିଥାଏ । ଏକର ପିଛା ୧୨୦୦ କଫି ଚାରା ଏବଂ ୩୦୦ ଛାୟାବୃକ୍ଷ ରୋପଣ ହୋଇଥାଏ । ଏକର ପିଛା ଚାଷୀଙ୍କୁ ପ୍ରାୟ ୫୦-୭୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ପ୍ରତିବଦଳରେ ଚାଷୀଙ୍କୁ ଏକର ପିଛା ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ । ■

**ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ**
ସଭାପତି, କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ



# କୋରାପୁଟ ମାଣ୍ଡିଆ ବିଦେଶରେ ଚାହିଦା ଅଧିକ

**ସୁଶାନ୍ତ କୁମାର ମିଶ୍ର, କୋରାପୁଟ**

## ମାଣ୍ଡିଆ କିଲୋ ପ୍ରତି ୪୫ ଟଙ୍କା

ଚଳିତବର୍ଷ ମାଣ୍ଡିଆ ସଂଗ୍ରହରେ ୭ ବର୍ଷର ରେକର୍ଡକୁ ଭାଙ୍ଗିଛି କୋରାପୁଟ ଜିଲ୍ଲା । ଜିଲ୍ଲାରେ ୧୪୫୭୪ ଜଣ ଚାଷୀଙ୍କଠାରୁ ୨ ଲକ୍ଷ ୩୯ ହଜାର ୮୭୫ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି । ସୂଚନା ଅନୁଯାୟୀ ୨୦୨୪ – ୨୫ ଆର୍ଥିକ ବର୍ଷ ପାଇଁ ଜିଲ୍ଲା ପ୍ରଶାସନ,ଟିଡିସିସି ଓ ମିଲେଟ୍ ମିଶନର କର୍ମକର୍ତ୍ତା ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଯୋଜନା ମାଧ୍ୟମରେ ମାଣ୍ଡିଆ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଯୋଜନା କରିଥିଲେ । ଚାଷୀଙ୍କଠାରୁ ସିଧାସଳଖ ମାଣ୍ଡିଆ କ୍ରୟ ପାଇଁ ଜିଲ୍ଲାର ୧୪ଟି ବ୍ଲକ୍‌ରେ କାର୍ଯ୍ୟରତ ୨୧ କୃଷି ଉତ୍ପାଦକ ସମିତି ଓ ସମବାୟ ସମିତି ଆରମ୍ଭ କରାଯାଇଥିଲା । ଚାଷୀଙ୍କ ବ୍ୟାଙ୍କ ଖାତାକୁ ମାଣ୍ଡିଆର ଧାର୍ଯ୍ୟ ଏମ୍‌ଏସ୍‌ପି ମୂଲ୍ୟ କିଲୋ ପିଛା ୪୨ ଟଙ୍କା ୯୦ ପଇସା ଓ ରାଜ୍ୟ ସରକାରଙ୍କର କିଲୋ ପିଛା ୨ ଟଙ୍କା ୧୦ ପଇସାର ପ୍ରୋତ୍ସାହନ ରାଶିକୁ ମିଶାଇ ୪୫ ଟଙ୍କା ହାରରେ ପ୍ରଦାନ କରାଯାଇଛି । ଯାହାକି ଧାର୍ଯ୍ୟ ଲକ୍ଷର ୯୮.୨ ପ୍ରତିଶତ ଲକ୍ଷ ହାସଲ କରି କୋରାପୁଟ ଜିଲ୍ଲା ୭ ବର୍ଷର ରେକର୍ଡ ଭାଙ୍ଗିଥିବାରୁ ପ୍ରଶଂସିତ ହୋଇଛି ।

ନନ୍ଦପୁର ବ୍ଲକ୍‌ରେ ଚଳିତବର୍ଷ ୬ଟି କେନ୍ଦ୍ର ସ୍ଥାପନ କରି ମାଣ୍ଡିଆ କ୍ରୟ କରାଯାଇଛି । ୨୩୮୨ ଜଣ ଚାଷୀଙ୍କଠାରୁ ୩୪ ହଜାର ୯୫୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି । ସେପରି ଲମତାପୁଟ ବ୍ଲକ୍‌ରେ ସର୍ବାଧିକ ୨୫୯୭ ଚାଷୀଙ୍କ ଠାରୁ ୪୧ ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବା ରେକର୍ଡ ହୋଇଛି । ୨୦୨୩ – ୨୪ ରେ ୩୮ ଟଙ୍କା ୪୬ ପଇସା ଏମଏସପିରେ ୮୨୩୨ ଚାଷୀଙ୍କଠାରୁ ୧ ଲକ୍ଷ ୧୮ ହଜାର ୬୨୪ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା ।

## ଦେଶବିଦେଶରେ କୋରାପୁଟ ମାଣ୍ଡିଆ

କୋରାପୁଟର ମାଣ୍ଡିଆ ଏବେ ଯାଉଛି ରାଜ୍ୟର ବିଭିନ୍ନ ଜିଲ୍ଲା ସହ ଦେଶ ଓ ବିଦେଶକୁ । ବିଦେଶରେ କୋରାପୁଟ ମାଣ୍ଡିଆର ବେଶ୍ ଚାହିଦା ରହିଛି । ରାଜ୍ୟରେ ଶିକ୍ଷା ବିଭାଗର ପୋଷଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ଲଡୁ ଏବଂ ମଙ୍ଗଳ ବିଭାଗର ମହିଳା ଓ ଶିଶୁ ବିକାଶ ହିତାଧିକାରୀଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦାନ କରାଯାଉଛି । ଗୋଟିଏ ପଟେ ଖାଦ୍ୟର ସଦୁପଯୋଗ, ଅନ୍ୟପଟେ ମାଣ୍ଡିଆର ପ୍ରଚାରପ୍ରସାର କରାଯାଉଛି ।



## ମିଲେଟ୍ ଶକ୍ତି କାଫେ

କୋରାପୁଟ ଜିଲ୍ଲାର ଅନେକ ବ୍ଲକ୍‌ର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ମାଣ୍ଡିଆ ଚାଷ ଅଧିକ ହୋଇଥାଏ । ତେବେ ବର୍ତ୍ତମାନ ଜିଲ୍ଲାର ପ୍ରାୟ ଅଞ୍ଚଳରେ ବର୍ଷସାରା ମାଣ୍ଡିଆ ଚାଷ କରାଯାଉଛି । ବର୍ଷା ଋତୁ ପାଇଁ ଜୁନ୍ ମାସ, ପ୍ରାକ୍ ରବି ଚାଷ ପାଇଁ ଅଗଷ୍ଟ ମାସ ତୃତୀୟ ସପ୍ତାହ ମଧ୍ୟରେ ମାଣ୍ଡିଆ ବୁଣାଯାଏ । ଗ୍ରୀଷ୍ମରେ ଜାନୁଆରୀରୁ ଫେବୃଆରୀ ମଧ୍ୟରେ ଚାଷ କାମ ଆରମ୍ଭ କରାଯାଏ । ଜୈବିକ ପ୍ରଣାଳୀରେ ମାଣ୍ଡିଆ ଚାଷ ପ୍ରତି ଜିଲ୍ଲାରେ ଚାଷୀଙ୍କ ସଂଖ୍ୟା ବଢୁଛି । ଏବେ ମାଣ୍ଡିଆକୁ ନେଇ ଜିଲ୍ଲାରେ ଖୋଲିଛି ଏକାଧିକ ମିଲେଟ୍ ଶକ୍ତି କାଫେ । ସେଭଳି ମାଣ୍ଡିଆରୁ ତିଆରି ହେଉଛି ସରବତ, ଲଡୁ, ପିଠା ସାଙ୍ଗକୁ ଭଳିକି ଭଳି ଖାଦ୍ୟ । ସେଥିପାଇଁ ମାଣ୍ଡିଆ ଚାଷ ପ୍ରତି କୋରାପୁଟ ଚାଷୀଙ୍କ ଆଗ୍ରହ ବଢୁଛି ।



## ମାଣ୍ଡିଆ ରାଣୀ ରାଇମତି

କୋରାପୁଟ ଜିଲ୍ଲାର ନୂଆଗୁଡ଼ାର ରାଇମତି ଘିଉରିଆ ୩୦ କିସମର ମାଣ୍ଡିଆ ନିଜ ଜମିରେ ଚାଷ କରି ସେଗୁଡ଼ିକର ସଂରକ୍ଷଣ କରି ପାରିଛନ୍ତି । ବିଭିନ୍ନ କିସମର ମାଣ୍ଡିଆ ଚାଷରେ ତାଙ୍କର ପାରଦର୍ଶିତା ହେତୁ କୋରାପୁଟ ଜିଲ୍ଲାରେ ସେ 'ମାଣ୍ଡିଆ ରାଣୀ' ଭାବେ ପରିଚିତ । ଆଧୁନିକ ଯୁଗରେ ଚାଷଠାରୁ ଲୋକେ ଦୂରେଇ ଯାଉଥିବା ବେଳେ ଡ. ରାଇମତିଙ୍କ ପ୍ରଚେଷ୍ଟାରେ ଜୈବିକ ପଦ୍ଧତିରେ ଚାଷ କରିବା ସହିତ ମାଣ୍ଡିଆ ଚାଷ ପ୍ରତି ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି । ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରିଛନ୍ତି ।



**ମାଣ୍ଡିଆରେ ରହିଛି ଅନେକ ଉପକାରୀ ଗୁଣ । ଏହାକୁ ଖାଇବା ଦ୍ୱାରା ମଧୁମେହ ନିୟନ୍ତ୍ରିତ ହେବା ସହ କର୍କଟ ହେବାର ଆଶଙ୍କ ମଧ୍ୟ କମିଥାଏ । ମାଣ୍ଡିଆକୁ ନିୟମିତ ଖାଇଲେ ଶରୀରରୁ ଅଧିକ ପରିମାଣର ଇନସୁଲିନ ଝରିଥାଏ । ଫଳରେ ରୋଗୀ ଧୀରେ ଧୀରେ ରୋଗମୁକ୍ତ ହୋଇଥାଏ । ମନୁଷ୍ୟ ଶରୀରରେ ଥିବା ବିଭିନ୍ନ ରୋଗ ସମସ୍ୟା ଦୂର କରିଥାଏ ମାଣ୍ଡିଆ । ବ୍ୟାଧି, ବ୍ୟଗ୍ରତା, ମାନସିକ ଦୁଃଶ୍ଚିନ୍ତା ଭଳି ସମସ୍ୟାକୁ ଦୂର କରିବା ସହ ହାଡ଼କୁ ମଜଭୁତ କରିବା, ରକ୍ତହୀନତା ଦୂର କରିବା ଶରୀରକୁ ସତେଜ ଓ ସୁସ୍ଥ ରଖିବା ପାଇଁ ମାଣ୍ଡିଆର ଚାହିଦା ଅନେକ । ଏପରିକି ମାଣ୍ଡିଆ ଜାଉ ନିୟମିତ ପିଇଲେ ଗାଈ କ୍ଷୀରର ବିକଳ୍ପ ଏବଂ ମା'ର କ୍ଷୀର ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ତେଣୁ ଦିନକୁ ଦିନ ମାଣ୍ଡିଆର ଚାହିଦା ବଢ଼ିବାରେ ଲାଗିଛି ।**

## ମାଣ୍ଡିଆ ଚାହାର ଚାହିଦା

ଚାହା ମାଧ୍ୟମରେ ମାଣ୍ଡିଆକୁ ନୂଆ ପରିଚୟ ଦେଇଛନ୍ତି ଜଗନ୍ନାଥ ଆଚାରୀ । ଜୟପୁର ପାରାବେଡ଼ା ରାସ୍ତାରେ ଜଗନ୍ନାଥ ଏକ କେବିନରେ ଚାହା ଦୋକାନ କରିଛନ୍ତି । ମାଣ୍ଡିଆରୁ ଚାହା ପ୍ରସ୍ତୁତ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । କେବଳ ଚାହା ନୁହେଁ, ଲୋକେ ମାଣ୍ଡିଆରେ ପ୍ରସ୍ତୁତି ପକୁଡ଼ି, ରସଗୋଲା, ମିକ୍ସର ଖାଇବାକୁ ତାଙ୍କ ଦୋକାନରେ ଧାଡ଼ି ଲଗାଇ ଥାଆନ୍ତି । ଏପରିକି ରାଜ୍ୟ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡଃ.ଅରବିନ୍ଦ କୁମାର ପାଢ଼ୀ କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଜଗନ୍ନାଥ ଆଚାରୀଙ୍କ ହାତ ତିଆରି ମାଣ୍ଡିଆ ଚାହା ପିଇ ବେଶ୍ ଖୁସି ହେବା ସହିତ ଜଗନ୍ନାଥଙ୍କୁ ପ୍ରଶଂସା କରିଥିଲେ । ଜଗନ୍ନାଥ ଆଚାରି ମାଣ୍ଡିଆ ଚାହା ପ୍ରସ୍ତୁତ କରି ଜାତୀୟ ସ୍ତରରେ ପୁରସ୍କୃତ ହୋଇ କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି । ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ତାଲିମ ପ୍ରଦାନ କରି ମାଣ୍ଡିଆରୁ କିପରି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି କରି ହୁଏ ସେ ସମ୍ପର୍କରେ ତାଲିମ ଦେଉଛନ୍ତି ।



# କନ୍ଧମାଳ ହଳଦୀ

# ବାର୍ଷିକ ୨୦୦ କୋଟି ଟଙ୍କା ବ୍ୟବସାୟ

ଯେ କୌଣସି ସୁସ୍ୱାଦୁ ବ୍ୟଞ୍ଜନରେ ହଳଦୀର ଆବଶ୍ୟକତା ପଡ଼ିଥାଏ । ପର୍ବପର୍ବାଣି, ଯାନିଯାତ୍ରାରେ ସବୁଠି ହଳଦୀ ନିହାତି ଆବଶ୍ୟକ । ବିଭିନ୍ନ ଔଷଧ ଏବଂ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତ ପାଇଁ ମଧ୍ୟ ହଳଦୀ ଏକ ମୁଖ୍ୟ ଉପାଦାନ । ମସଲାର ରାଜା ହଳଦୀକୁ ନେଇ କନ୍ଧମାଳ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି । କେଉଁ ଅନାଦି କାଳରୁ ପାରମ୍ପରିକ ରୀତିରେ ଜିଲ୍ଲାର ଆଦିବାସୀ ଓ ସାଧାରଣ ବର୍ଗର ଚାଷୀ ହଜାର ହଜାର ହେକ୍ଟର ଜମିରେ ହଳଦୀ ଚାଷ କରିଆସୁଛନ୍ତି । କୌଣସି ରାସାୟନିକ ସାର ବିନା ସଂପୂର୍ଣ୍ଣ ଜୈବିକ ଉପାୟରେ ଚାଷ କରାଯାଉଥିବା କନ୍ଧମାଳ ହଳଦୀର କେବଳ ରାଜ୍ୟରେ କାହିଁକି ବିଦେଶରେ ମଧ୍ୟ ଏହାର ଚାହିଦା ରହିଛି ।  ଜିଲ୍ଲାର ହଜାର ହଜାର ଚାଷୀ ହଳଦୀ ଚାଷକୁ ଏକ ପାରମ୍ପରିକ ଭାବେ ଗ୍ରହଣ କରିନେଇଛନ୍ତି । ରାଜ୍ୟ ସରକାର 'କସମ' ସଂସ୍ଥା ମାଧ୍ୟମରେ କନ୍ଧମାଳ ବ୍ରାଣ୍ଡ ହଳଦୀର ବଜାର ମଧ୍ୟ ସୃଷ୍ଟି କରିଛନ୍ତି ।  କନ୍ଧମାଳ ହଳଦୀକୁ ଜିଆଇ ମାନ୍ୟତା ମିଳିଛି ।

## ସବୁଠି କନ୍ଧମାଳ ହଳଦୀର ଚାହିଦା

ପୂର୍ବରୁ ବ୍ୟବସ୍ଥିତ ଭାବେ ହଳଦୀ ଚାଷ ଓ ଚାଷୀଙ୍କ ବିକାଶ ପାଇଁ ୧୯୯୮ ମସିହାରେ ଜିଲ୍ଲା ପ୍ରଶାସନ 'କସମ୍' (କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏସନ୍ ଫର୍ ମାର୍କେଟିଙ୍ଗ) ଗଠନ କରିଥିଲେ । ପ୍ରଥମେ ୬୧ ଟି ସୋସାଇଟିର ୧୧୨୩୪ ଜଣ ଚାଷୀ ସଭ୍ୟ ହୋଇଥିଲେ 'କସମ' ସଂସ୍ଥାରେ । ପ୍ରତି ସୋସାଇଟିରେ ୧୫୦ରୁ ଦୁଇ ଶହ ଚାଷୀ ଅଛନ୍ତି । ପରବର୍ତ୍ତୀ ସମୟରେ ସୋସାଇଟି ଓ ସଭ୍ୟମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ସେମାନଙ୍କ ଉତ୍ପାଦିତ ହଳଦୀ 'କସମ' କିଣିବା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରୁଛି । ବଜାର ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଚାଷୀଙ୍କଠାରୁ ହଳଦୀ କିଣିଥାଏ କସମ୍ । ଫଳରେ ଚାଷୀ ନିଶ୍ଚିତ ଭାବେ ଅଧିକ ଟଙ୍କା ପାଇଥାଏ । ଲାଭାଂଶ ମଧ୍ୟ ଚାଷୀଙ୍କୁ ପ୍ରଦାନ କରୁଛି କସମ । ଚାଷୀଙ୍କଠାରୁ ସଂଗୃହୀତ ହଳଦୀକୁ ପ୍ରୋସେସିଂ କରିବା ପରେ ହଳଦୀ ଗୁଣ୍ଡ 'କନ୍ଧମାଳ ହଳଦୀ-ଟର୍ମରିକ୍' ବ୍ରାଣ୍ଡରେ କସମ ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରି କରାଯାଉଛି । ବିଦେଶକୁ ରପ୍ତାନୀ କରାଯାଉଛି ଅର୍ଗାନିକ ହଳଦୀ । ସେଥିପାଇଁ ଆନ୍ତର୍ଜାତୀୟ ପ୍ରମାଣପତ୍ର କସମକୁ ମିଳିଛି । ନେଦରଲ୍ୟାଣ୍ଡ ଏଥିପାଇଁ ଜୈବିକ (ଅର୍ଗାନିକ୍) ପ୍ରମାଣପତ୍ର ଦେଇଛି । ସେହିପରି ଭାରତ ସରକାରଙ୍କ ଆପେଡା (ଏଗ୍ରିକଲଚର୍ ପ୍ରଡକସନ୍ ଏକସ୍ପୋର୍ଟ ଡେଭଲପମେଣ୍ଟ ଅଥୋରିଟି) ମଧ୍ୟ ଅର୍ଗାନିକ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି କସମ ହଳଦୀକୁ । ଜିଲ୍ଲାରେ ସରକାରୀ ହିସାବରେ ପ୍ରାୟ ଛବିଶ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ଶୁଖିଲା ହଳଦୀ ଉତ୍ପାଦନ ହେଉଥିବା ବେଳେ କେବଳ ରାଇକିଆ, ଦାରିଙ୍ଗବାଡ଼ି ଓ ଘୁ.ଉଦୟଗିରି ବ୍ଲକ୍‌ରେ ହିଁ ପନ୍ଦର ହଜାର ମେଟ୍ରିକ ଟନ୍‌ରୁ ଅଧିକ ହଳଦୀ ଉତ୍ପାଦନ ହୋଇଥାଏ । ଜିଲ୍ଲାରେ ଦାରିଙ୍ଗବାଡ଼ି ବ୍ଲକ୍‌ରେ ସର୍ବାଧିକ ହଳଦୀ ଚାଷ ହୋଇଥାଏ । ୨୦୧୯ ଅପ୍ରେଲ ୧ ତାରିଖରେ 'କନ୍ଧମାଳ ହଳଦୀ-ଟର୍ମରିକ' ନାମରେ ଜିଆଇ (ଜୋଗ୍ରାଫିକାଲ ଇଣ୍ଡିକେସନ୍) ମାନ୍ୟତା ମିଳିଛି କନ୍ଧମାଳ ହଳଦୀକୁ । ଫଳରେ ବିଶ୍ୱରେ ଏକ ସ୍ୱତନ୍ତ୍ର ମାନ୍ୟତା ଓ ପରିଚୟ ପାଇଛି ଜିଲ୍ଲାର ହଳଦୀ ।






## ପାରମ୍ପରିକ ବଜାରରୁ ଅନ୍‌ଲାଇନ୍‌ରେ ବିକ୍ରି

କନ୍ଧମାଳ ହଳଦୀ ବିକ୍ରି ପାଇଁ ଜିଲ୍ଲାର ଆଦିବାସୀ ଓ ସବୁବର୍ଗର ଚାଷୀଙ୍କ ପାଇଁ ରିଟେଲ୍ ବଜାର ସୃଷ୍ଟି କରାଯାଇଛି । ଫ୍ଲିପ୍‌କାର୍ଡ, ଆମାଜନ୍ ପରି ସଂସ୍ଥା ସମେତ ରିଲାଏନସ୍, ବିଗ୍ ବଜାର, ମାର୍ଟ ପ୍ରଭୃତି ବଡ଼ ବଡ଼ ରିଟେଲ ଚେନ୍ ସହିତ ସଂଯୋଗ କରାଯାଉଛି । ସେହିପରି ପାରମ୍ପରିକ ବଜାରରେ ମଧ୍ୟ କନ୍ଧମାଳ ହଳଦୀ ବିକ୍ରି ପାଇଁ ନିରନ୍ତର ଜାରି ରହିଛି ଉଦ୍ୟମ । ୟୁରୋପ, ଆମେରିକା, ଲାଟିନ ଆମେରିକା ସହିତ ଏସିଆ ମହାଦେଶର ଅନେକ ଦେଶରେ କନ୍ଧମାଳ ଜିଲ୍ଲାର ଜୈବିକ ହଳଦୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

## ରିଟେଲ୍ ବଜାର ଉପରେ ଗୁରୁତ୍ୱାରୋପ

ତାମିଲନାଡୁର ଇରୋଡରେ ସର୍ବବୃହତ ମଣ୍ଡି ମାଧ୍ୟମରେ ନିଲାମ ହେଉଥିବାରୁ ଏବଂ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟର ଦରକୁ ନେଇ ହଳଦୀ ମୂଲ୍ୟ ପ୍ରତିବର୍ଷ ଧାର୍ଯ୍ୟ ହୋଇଥାଏ । କୋଭିଡ୍ ପୂର୍ବରୁ କସମ ମାଧ୍ୟମରେ ରପ୍ତାନୀକୁ ଗୁରୁତ୍ୱ ଦିଆଯାଇ ଅଧିକ ବଜାର ସୃଷ୍ଟି ପାଇଁ ବ୍ୟବସ୍ଥା କରାଯାଇଥିଲା । ଜିଆଇ ମାନ୍ୟତା ପାଇବା ପରେ ବିଶ୍ୱରେ କନ୍ଧମାଳ ହଳଦୀର ଏକ ପଞ୍ଜିକୃତ ପରିଚୟ ସୃଷ୍ଟି କରାଯାଇପାରିଛି । ବର୍ତ୍ତମାନ ରିଟେଲ୍ ବଜାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ବଜାର ଚାହିଦା ମୁତାବକ ଛୋଟ ଛୋଟ ପ୍ୟାକେଟ୍ କରି 'କସମ' ମାଧ୍ୟମରେ ସାରା ରାଜ୍ୟରେ ବଜାରକୁ ଛଡ଼ା ଯାଉଛି । ଜିଲ୍ଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ହଳଦୀ ପ୍ରକ୍ରିୟାକରଣରେ ସାମିଲ କରାଯିବା ସହିତ ସ୍ଥାନୀୟ ମାର୍କେଟରେ ବ୍ୟବସାୟ ପାଇଁ ପ୍ରୋତ୍ସାହିତ କରାଯାଉଛି । ■



## ବିଦେଶକୁ ରପ୍ତାନୀ

ସଂପୂର୍ଣ୍ଣ ଜୈବିକ ପଦ୍ଧତିରେ କନ୍ଧମାଳର ହଳଦୀ ଚାଷ କରାଯାଇଛି । ନେଦରଲାଣ୍ଡ ଓ ଜାତୀୟ ଜୈବିକ ସଂସ୍ଥା (ଏପେଡା) ପକ୍ଷରୁ ଜୈବିକ ସାର୍ଟିଫିକେଟ୍ ପାଇଥିବାରୁ 'କସମ୍' ପ୍ରସ୍ତୁତ କନ୍ଧମାଳ ହଳଦୀ ରାଜ୍ୟ, ଦେଶ ତଥା ବିଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି । ଏଠାକାର ହଳଦୀ ୟୁରୋପ, ଲାଟିନ ଆମେରିକା, ଅଷ୍ଟ୍ରେଲିଆ, ସାଉଦୀ ଆରବ ପ୍ରଭୃତି ବିଭିନ୍ନ ଦେଶକୁ ରପ୍ତାନୀ କରାଯାଏ । ହଳଦୀର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ କୁର୍କୁମିନ୍ ମଧ୍ୟ କନ୍ଧମାଳ ହଳଦୀରେ ଯଥେଷ୍ଟ ପରିମାଣରେ ରହିଛି । ତେଣୁ କନ୍ଧମାଳ ହଳଦୀର ଚାହିଦା ରହିଛି । ଜିଲ୍ଲାର ଚାଳିଶ ହଜାରରୁ ଅଧିକ ଚାଷୀ ଅଳ୍ପ ବହୁତେ ହଳଦୀ ଚାଷ କରିଥାନ୍ତି । ଏକ ଆକଳନ ଅନୁସାରେ ବାର୍ଷିକ ପ୍ରାୟ ୨୦୦ କୋଟିରୁ ଅଧିକ ଟଙ୍କାର ହଳଦୀ ବ୍ୟବସାୟ ହୋଇଥାଏ ।





ଲଘୁ ଶସ୍ୟ ହେଉଛି ଓଡ଼ିଶାର ପାରମ୍ପରିକ ଓ ପୋଷଣଗୁଣ ସମୃଦ୍ଧ ଫସଲ । ଏହାକୁ 'ଶ୍ରୀ ଅନ୍ନ' ବୋଲି କୁହାଯାଏ । ମାଣ୍ଡିଆ, ବାଜରା, ଜୱାର, କୋଦୋ, ଫକ୍ସଟେଲ ମିଲେଟ୍ ଆଦି ଲଘୁ ଶସ୍ୟ ପ୍ରକାର ଓଡ଼ିଶାରେ ଅଧିକ ଲୋକପ୍ରିୟ । ପୋଷଣ, ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ଉନ୍ନତିରେ ଏହି ଫସଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସ୍ୱାସ୍ଥ୍ୟ ଉପକାରିତା ଓ ବଜାର ମୂଲ୍ୟ ବୃଦ୍ଧି କାରଣରୁ ଧୀରେ ଧୀରେ ଏହାର ଗୁରୁତ୍ୱ ବଢ଼ିବାରେ ଲାଗିଛି । ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିବା ।



ପ୍ରଫେସର ସର୍ବ ନାରାୟଣ ମିଶ୍ର

# ଓଡ଼ିଶା ବଜାରରେ ଲଘୁ ଶସ୍ୟ

## ଅଧିକ ଲଘୁ ଶସ୍ୟ ଫସଲ ଉତ୍ପାଦିତ ଅଞ୍ଚଳ

ଲଘୁ ଶସ୍ୟ ଓଡ଼ିଶାର ପାରମ୍ପରିକ ଖାଦ୍ୟର ଏକ ଅଂଶ । ଲଘୁ ଶସ୍ୟ ଫସଲ ଉଷ୍ଣ ଓ ଶୁଷ୍କ ପାଣିପାଗରେ ଭଲ ହୁଏ । ଲଘୁ ଶସ୍ୟ ପାଇଁ ବାଲୁକା ମାଟି, ଲୋମ ମାଟି ଅଧିକ ଉପଯୁକ୍ତ । ଏହି ଫସଲଗୁଡ଼ିକ ପାଇଁ ଅଧିକ ଜଳ ଆବଶ୍ୟକ ହୁଏ ନାହିଁ । ଅଳ୍ପ ଉର୍ବର ଭୂମିରେ ମଧ୍ୟ ଚାଷ ହୋଇପାରେ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଘୁ ଶସ୍ୟ ଚାଷ ହୁଏ । ମାଣ୍ଡିଆ ଉତ୍ପାଦନରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ମାଲକାନଗିରି, କଳାହାଣ୍ଡି ଆଦି ଜିଲ୍ଲା ମୁଖ୍ୟ । ସେହିପରି ବାଜରା ଓ ଜୱାର ଉତ୍ପାଦନରେ ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସୁବର୍ଣ୍ଣପୁର, ସମ୍ବଲପୁର ଆଦି ଜିଲ୍ଲା ମୁଖ୍ୟ । ଏହି ଅଞ୍ଚଳଗୁଡ଼ିକର ପାଣିପାଗ ଓ ମାଟି ଲଘୁ ଶସ୍ୟ ଚାଷପାଇଁ ଅତ୍ୟନ୍ତ ଉପଯୁକ୍ତ ।



## ବାର୍ଷିକ ଉତ୍ପାଦନ

ଓଡ଼ିଶାରେ ଲଘୁ ଶସ୍ୟ ଚାଷ ଅଞ୍ଚଳ ପ୍ରାୟ ୧.୮୭ ଲକ୍ଷ ହେକ୍ଟର । ବାର୍ଷିକ ମୋଟ ଉତ୍ପାଦନ ପ୍ରାୟ ୨.୨୬ ଲକ୍ଷ ଟନ୍ । ଅର୍ଥାତ୍, ପ୍ରତି ହେକ୍ଟରରେ ପ୍ରାୟ ୧୨୬୨ କେଜି ଲଘୁ ଶସ୍ୟ ଉତ୍ପାଦନ ହୁଏ । ଏହି ଉତ୍ପାଦନ ଦର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ କମ୍, କିନ୍ତୁ ପରିବେଶ ସହିତ ସୁସଙ୍ଗତ ତଥା ଚାଷୀଙ୍କ ପାଇଁ ଲାଭଦାୟକ । ଓଡ଼ିଶାରେ ଲଘୁ ଶସ୍ୟ ଉତ୍ପାଦନ ମୁଖ୍ୟତଃ ଆଦିବାସୀ ଓ ଗ୍ରାମୀଣ ଅଞ୍ଚଳର ସ୍ଥାନୀୟ ଚାହିଦା ପୂରଣ କରିଥାଏ । ଏହି ଅଞ୍ଚଳରେ ଲୋକେ ପାରମ୍ପରିକ ଭାବେ ଲଘୁ ଶସ୍ୟ ଖାଉଥିବାରୁ ଏହାର ଚାହିଦା ଅଧିକ । ବର୍ତ୍ତମାନ ସରକାର ଓ ବିଭିନ୍ନ ସଂସ୍ଥା ଲଘୁ ଶସ୍ୟ ଚାଷ ଓ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେଉଛନ୍ତି ।





## ବଜାରରେ ବିକ୍ରି ପ୍ରକ୍ରିୟା

ଲଘୁ ଶସ୍ୟ ଓଡ଼ିଶାରେ ପ୍ରଥମେ ଘରୋଇ ବ୍ୟବହାର ପାଇଁ ବ୍ୟବହୃତ ହେଉଥିଲା । ମାଣ୍ଡିଆ ପ୍ରସ୍ତୁତ ଜାଉ ଓଡ଼ିଶାର ଘରେ ଘରେ ପରିଚିତ । ଓଡ଼ିଆ ପିଠାପଣା, ମାଣ୍ଡିଆ ମୁଢ଼ି, ଖିରି, ରୁଟି, ଲଡୁ ଆଦି ପାରମ୍ପରିକ ଖାଦ୍ୟରେ ଲଘୁ ଶସ୍ୟ ମୁଖ୍ୟ ଉପାଦାନ । ଏହା ବ୍ୟତୀତ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଓ ଫାର୍ମର ପ୍ରୋଡ୍ୟୁସର୍ ଅର୍ଗାନାଇଜେସନ୍ (FPO) ତଥା କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଏହି ବସ୍ତୁ ନିଜ ଗ୍ରାମରେ ଓ ହାଟବଜାରରେ ବିକ୍ରି କରନ୍ତି । ଏହି ଗୋଷ୍ଠୀଗୁଡ଼ିକ ଲଘୁ ଶସ୍ୟକୁ ପ୍ରକ୍ରିୟାକରଣ କରି ବିଭିନ୍ନ ଉତ୍ପାଦ ତିଆରି କରି ବଜାରରେ ବିକ୍ରି କରନ୍ତି ।

## ବିକ୍ରି ପାଇଁ ସରକାରୀ ବ୍ୟବସ୍ଥା

ଓଡ଼ିଶା ସରକାର ୨୦୧୭ ମସିହାରୁ 'ମିଲେଟ୍ ମିଶନ ଓଡ଼ିଶା' ଆରମ୍ଭ କରିଛନ୍ତି । ୨୦୨୪ ମସିହା ପରଠାରୁ ଏହା 'ଶ୍ରୀଅନ୍ନ ଅଭିଯାନ ରୂପେ ପରିଗଣିତ ହେଉଛି । ଏହି ଯୋଜନା ଅନୁସାରେ ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କୁ ସ୍ୱୟଂସହାୟତା ଓ ଯନ୍ତ୍ରପାତି ଯୋଗାଣ ଜରିଆରେ ସାହାଯ୍ୟ ଦିଆଯାଉଛି । ନବ କିଷାନ ଏବଂ ମିଲେଟ୍ କିଚେନ୍ ମାଧ୍ୟମରେ ଲଘୁ ଶସ୍ୟ ବିକ୍ରି ବୃଦ୍ଧି ହେଉଛି । ସରକାର କ୍ଷୁଦ୍ର ପ୍ରକ୍ରିୟାକରଣ ସଂସ୍ଥା, ବ୍ରାଣ୍ଡ ନିର୍ମାଣ ଓ ବିପଣନ ପାଇଁ ଅନୁଦାନ ମଧ୍ୟ ଦେଉଛନ୍ତି । ଏହା ଫଳରେ ଲଘୁ ଶସ୍ୟ ଚାଷୀମାନଙ୍କ ଆୟ ବୃଦ୍ଧି ଘଟିଛି । ସେପଟେ ଏହି ଫସଲର ବଜାର ଚାହିଦା ବଢ଼ିଛି ।

## ଗ୍ରାମୀଣ ବଜାର ବ୍ୟବସ୍ଥା

ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ ଲଘୁ ଶସ୍ୟ ବଜାର ବ୍ୟବସ୍ଥା ଅତ୍ୟନ୍ତ ସୁଦୃଢ଼ । କୃଷକ ଉତ୍ପାଦକ ସଂଘ(ଏଫ୍.ପି.ଓ) ମାନେ ମିନି ମିଲ୍, କୃଷି ପ୍ରକ୍ରିୟାକରଣ ଏବଂ ଡିଜିଟାଲ ବଜାରିକରଣ ଜରିଆରେ ଲଘୁ ଶସ୍ୟ ବିକ୍ରି କରନ୍ତି । ମିଲେଟ୍ କାଫେ, ହାଟ, ସ୍ଥାନୀୟ ପାନ୍ଥନିବାସ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଲଘୁ ଶସ୍ୟ ଉପଲବ୍ଧ । ବୃହତ୍ ବଜାର ପାଇଁ ନାଫେଡ୍ ଓ ଓଏଏସ୍ଏସ୍ଏଲ୍ ମିଳିତ ଭୂମିକା ନିର୍ବାହ କରନ୍ତି । ଏହା ଫଳରେ ଲଘୁ ଶସ୍ୟ ଚାଷୀମାନଙ୍କ ଆୟ ବୃଦ୍ଧି ଘଟିଛି ଏବଂ ଏହି ଫସଲର ବଜାର ଚାହିଦା ବଢ଼ିଛି ।

## ସୁଦୃଢ଼ ବଜାର ବ୍ୟବସ୍ଥା

ଲଘୁ ଶସ୍ୟ ଚାଷରେ ମହିଳା ଓ ଯୁବକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିଳାମାନେ ଚାଷ, ପ୍ରକ୍ରିୟାକରଣ, ବିକ୍ରି ଓ ବିଭିନ୍ନ ଉତ୍ପାଦ ତିଆରିରେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି । ଯୁବକମାନେ ଆଧୁନିକ କୃଷି ପ୍ରଣାଳୀ, ଡିଜିଟାଲ ମାର୍କେଟିଂ, ବଜାର ସଂଯୋଗ ଇତ୍ୟାଦିରେ ଅଗ୍ରଣୀ ଭୂମିକା ନେଉଛନ୍ତି । ଏହା ଫଳରେ ଲଘୁ ଶସ୍ୟ ଚାଷ ଓ ବଜାର ବ୍ୟବସ୍ଥା ଅଧିକ ଗତିଶୀଳ ଓ ସୁଦୃଢ଼ ହେଉଛି । ସରକାର, କୃଷି ବିଜ୍ଞାନ କେନ୍ଦ୍ର, ଉତ୍ପାଦକ ସଂଘ ଏବଂ ବେସରକାରୀ ସଂଗଠନମାନେ ମିଳିତ ଭାବେ ଲଘୁ ଶସ୍ୟ ଚାଷ ଓ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି । ଭବିଷ୍ୟତରେ ଲଘୁ ଶସ୍ୟ ଓଡ଼ିଶାର ମୁଖ୍ୟ ଖାଦ୍ୟ ହେବ ବୋଲି ଆଶା କରାଯାଉଛି ।


## ଲଘୁ ଶସ୍ୟ ଚାଷର ଆର୍ଥିକ ଗୁରୁତ୍ୱ

ଲଘୁ ଶସ୍ୟ ଚାଷ ଓଡ଼ିଶାର ଆର୍ଥିକ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହି ଫସଲ ଚାଷୀଙ୍କର ଆୟ ବୃଦ୍ଧି, ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ । ଲଘୁ ଶସ୍ୟ ଚାଷ ଅଧିକ ଲାଭଦାୟକ ଏବଂ ଏହା ଚାଷୀଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ । ବିଭିନ୍ନ ସରକାରୀ ଯୋଜନା, ଅନୁଦାନ, ବଜାର ସଂଯୋଗ ଇତ୍ୟାଦି ଲଘୁ ଶସ୍ୟ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସହାୟକ । ଏହା ଚାଷୀଙ୍କ ଜୀବନ ଓ ଜୀବିକାରେ ଉନ୍ନତି, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ପ୍ରତିଷ୍ଠା, ଗ୍ରାମୀଣ ଅର୍ଥନୀତି ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଛି । ■

କୃଷି ଅର୍ଥନୀତି ବିଭାଗ, ଓୟୁଏଟି, ଭୁବନେଶ୍ୱର



# ଡାଲି ଜାତୀୟ ଫସଲ ବିକ୍ରିର ବଜାର ବ୍ୟବସ୍ଥା



ଡକ୍ଟର ପୁଜାଲିପ୍ସା ବେହେରା

**ଓଡ଼ିଶାରେ ଧାନ ଚାଷ ପରେ ଉଭୟ ଖରିଫ୍ ଓ ରବି ଋତୁରେ ମୁଗ, ବିରି, କୋଳଥ, ହରଡ଼ ଆଦି ଡାଲି ଜାତୀୟ ଫସଲ ଚାଷ କରାଯାଇଥାଏ । ରାଜ୍ୟରେ ଏସବୁ ଫସଲ ପ୍ରାୟ ୨୦ ଲକ୍ଷ ହେକ୍ଟରେ ଚାଷ କରାଯାଇ ବର୍ଷକୁ ହାରାହାରି ୧୦ ଲକ୍ଷ ଟନ୍‌ର ଉତ୍ପାଦନ ହୋଇଥାଏ । ଡାଲିରେ ଫାଇବର, ପ୍ରୋଟିନ୍, ଭିଟାମିନ୍, ଏବଂ ଖଣିଜ ପଦାର୍ଥର ପରିମାଣ ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଲାଭ ପ୍ରଦାନ କରେ । ଏହା ଆଇରନ୍, ଫୋଲେଟ ଏବଂ ଜିଙ୍କର ଏକ ଭଲ ଉତ୍ସ । ଏହା ସହିତ ଡାଲି ଓଜନ ପରିଚାଳନା ଏବଂ ରକ୍ତରେ ସର୍କରାସ୍ତରକୁ ନିୟନ୍ତ୍ରଣ କରିଥାଏ । ତେଣୁ ଆମ ରାଜ୍ୟର କେଉଁ ଜିଲ୍ଲାରେ ଅଧିକ ଡାଲି ଜାତୀୟ ଫସଲ ଉତ୍ପାଦନ ହେଉଛି, ବିକ୍ରି ପାଇଁ କ'ଣ ସୁବିଧା ରହିଛି ତାହାକୁ ନେଇ ଏହି ଆଲେଖ୍ୟ ।**

## ହାରାହାରି ୧୦.୫୪ ଲକ୍ଷ ଟନ୍‌ର ଡାଲି ଉତ୍ପାଦନ

ଓଡ଼ିଶାର ହାରାହାରି ୯୪ ପ୍ରତିଶତ ଜମି ଖରାଦିନେ ଚାଷ ଲାଗି ଜଳସେଚନ ଉପରେ ନିର୍ଭରଶୀଳ ହୋଇଥିବାରୁ ଖରାଟିଆ ଡାଲି ଜାତୀୟ ଚାଷ ଲାଗି ବାଧା ଉପୁଜି ଥାଏ। ତେବେ ଆମ ରାଜ୍ୟରେ ପ୍ରାୟ ସମସ୍ତ ୩୦ ଟି ଜିଲ୍ଲାରେ ଊଣା ଅଧିକ ଡାଲି ଜାତୀୟ ଫସଲ ଚାଷ ହୋଇଥାଏ । ରବି ଏବଂ ଖରାଟିଆ ଚାଷରୁ ଓଡ଼ିଶା ୯୪ ପ୍ରତିଶତ ଉତ୍ପାଦନ ଲାଭ କରିଥାଏ। ଏହାକୁ ଦୃଷ୍ଟି ଦେଲେ, ଓଡ଼ିଶାରେ ଡାଲି ଜାତୀୟ ଫସଲ ୧୯.୫୧ ଲକ୍ଷ ହେକ୍ଟରରେ ଚାଷ ହେଉଛି । ବର୍ତ୍ତମାନ ହାରାହାରି ୧୦.୫୪ ଲକ୍ଷ ଟନ୍‌ର ଉତ୍ପାଦନ ହେଉଛି ।



## ବିକ୍ରି ପାଇଁ ବ୍ୟବସ୍ଥା

ଓଡ଼ିଶା ବଜାରରେ ଡାଲି ବିଭିନ୍ନ ମାଧ୍ୟମରେ ବିକ୍ରି ହୁଏ । ସରକାରଙ୍କ ପରିଚାଳିତ ଉଚିତ୍ ମୂଲ୍ୟ କେନ୍ଦ୍ର, ନିୟନ୍ତ୍ରିତ ବଜାର କମିଟି (RMC), ଘରୋଇ ବ୍ୟବସାୟୀ, ସମବାୟ ସଂସ୍ଥା ଏବଂ ସ୍ଥାନୀୟ ଦୋକାନୀ ଆଦିରେ ଡାଲି ଜାତୀୟ ଫସଲ ବିକ୍ରି କରାଯାଇଥାଏ । ରାଜ୍ୟ ସରକାର ପ୍ରାୟତଃ ଡାଲି ସଂଗ୍ରହ କରି ନିର୍ଦ୍ଦିଷ୍ଟ ମାଧ୍ୟମ ଦ୍ୱାରା ମୂଲ୍ୟ ସ୍ଥିର କରିବା ଏବଂ ଉପଲବ୍ଧତା ସୁନିଶ୍ଚିତ କରିବାରେ ବିଶେଷ ଭୂମିକା ନିର୍ବାହ କରିଥାନ୍ତି ।

ଓଡ଼ିଶା ସରକାର ମୁଖ୍ୟତଃ ORMAS ମାଧ୍ୟମରେ ଡାଲି ବିପଣନକୁ ସମର୍ଥନ କରନ୍ତି, ଯାହା ସ୍ୱୟଂ ସହାୟକ ଗୋଷ୍ଠୀ (SHG)ଗୁଡ଼ିକର କ୍ଷମତା ବୃଦ୍ଧି କରେ ଏବଂ କ୍ଷୁଦ୍ର ଡାଲି ପ୍ରକ୍ରିୟାକରଣ ୟୁନିଟ୍ ଏବଂ ଖୁଚୁରା ବ୍ୟବସାୟୀଙ୍କ ସହିତ ସିଧାସଳଖ କ୍ରୟ ସମ୍ପର୍କ ସମେତ ସଂଗଠିତ ବିପଣକୁ ସହଜ କରେ। ଏହାସହିତ ଡାଲି ବିକ୍ରି ପାଇଁ କୃଷକ ଉତ୍ପାଦକ ସଂଗଠନ (FPO)ଙ୍କର ପ୍ରମୁଖ ଭୂମିକା ରହିଛି। ବଜାରୀକରଣ ପାଇଁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।






ଡାଲି ଅମଳ ପରେ ଏହାକୁ ଭଲ ଭାବେ ସଫା କରି ଏଥିରୁ ମାଟି, ଗୋଡ଼ି ଅଲଗା କରାଯାଇଥାଏ। ଏହାର ଚୋପା ଛଡ଼ାଇବା ପାଇଁ ମେସିନ ବ୍ୟବହାର କରାଯାଇଥାଏ ମଧ୍ୟ। ତେବେ ଡାଲିକୁ ମସୃଣ କରିବାକୁ ପଲିସ୍ କରି ପ୍ୟାକେଜିଂ କରାଯାଇଥାଏ। ଏହାଦ୍ୱାରା ଡାଲିର ଦର ଦାମ୍ ଅଧିକ ମିଳିଥାଏ।

## ଗ୍ରାମୀଣ ବଜାର ବ୍ୟବସ୍ଥା




ଗ୍ରାମଗୁଡ଼ିକରେ ଚାଷୀମାନେ ସେମାନଙ୍କର ଉତ୍ପାଦନକୁ ବ୍ୟବସାୟୀମାନଙ୍କ ସହ କିମ୍ବା ଗ୍ରାମ ହାଟରେ ବିକ୍ରି କରନ୍ତି । ଯାହା ପ୍ରାୟତଃ ଗ୍ରାମ ପଞ୍ଚାୟତ କିମ୍ବା ଆଞ୍ଚଳିକ ବିପଣ ସମବାୟ ମାଲିକାନା ଅଧୀନରେ ଥାଏ । ସେପଟେ ଓଡ଼ିଶାରେ ଉତ୍ପାଦିତ ହେଉଥିବା ଡାଲିର ପରିମାଣ ରାଜ୍ୟବାସୀଙ୍କ ଚାହିଦା ମେଣ୍ଟାଇ ପାରୁନାହିଁ। ■

## ଡାଲି ଜାତୀୟ ଫସଲର ଚାହିଦା

ମୁଗ ଚାଷ ପାଇଁ ଅଧିକ ଉତ୍ତାପ, କମ୍ ଆର୍ଦ୍ରତା, ମଧ୍ୟମ ଧରଣର ବୃଷ୍ଟିପାତ ଜଳବାୟୁ ଅତ୍ୟନ୍ତ ଅନୁକୂଳ । ସୁନିଷ୍କାସିତ ଦୋରସା ମାଟିରେ ଏହି ଚାଷ ଭଲ ହୋଇଥାଏ । ଏହି ଚାଷ ଖରିଫ, ରବି ଓ ଗ୍ରୀଷ୍ମ ଋତୁରେ ଚାଷ ହୋଇଥାଏ । ଏହା ଗୋଟା ଶସ୍ୟ ବା ଡାଲି ହିସାବରେ ବ୍ୟବହାର କରାଯାଏ । ପାଣିରେ ଭିଜା ଯାଇଥିବା ଚୋପା ଓ ମଞ୍ଜିକୁ ଗୋଖାଦ୍ୟ ଭାବେ ବ୍ୟବହାର କରାଯାଉଥିବାରୁ ଏହାର ଅଧିକ ଡିମାଣ୍ଡ ଥାଏ । ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗିର, କେନ୍ଦ୍ରାପଡ଼ା, ନୂଆପଡ଼ା ଜିଲ୍ଲାରେ ଅଧିକ ମୁଗ ଅମଳ ହୋଇଥାଏ । ସେହିପରି ବିରି ଏକ ପ୍ରମୁଖ ଡାଲି ଜାତୀୟ ଫସଲ । ଉଷ୍ମ ଆର୍ଦ୍ର ଜଳବାୟୁରେ ବିରି ଚାଷ ଭଲ ହୋଇଥାଏ । ବାଲିଆ ମାଟି, କୃଷ୍ଣ କାର୍ପାସ ମାଟିରେ ଚାଷ କରାଯାଇଥାଏ । ହେକ୍ଟର ପ୍ରତି ୪୦ କି.ଗ୍ରା. ଏବଂ ଗ୍ରୀଷ୍ମ ଋତୁରେ ହେକ୍ଟର ପ୍ରତି ୨୦-୨୫ କି.ଗ୍ରା. ବିହନ ବିରି ଚାଷ ପାଇଁ ବ୍ୟବହୃତ ହୋଇଥାଏ । ବିରିରେ ଅଧିକ ପରିମାଣରେ ଲାଇସିନ୍ ଥିବାରୁ ଚାଉଳ ସହିତ ମିଶି ଏକ ସୁଷମ ଖାଦ୍ୟ ଯୋଗାଇଥାଏ । କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଓ କଳାହାଣ୍ଡିରେ ବିରି ଅଧିକ ଅମଳ ହୋଇଥାଏ । ସେହିପରି ହରଡ଼ ବର୍ଷଯାକ ଚାଷ ହୋଇପାରେ। ବିଶେଷକରି କଳାହାଣ୍ଡି, ଗଞ୍ଜାମ, ରାୟଗଡ଼ା, ବଲାଙ୍ଗିର, କୋରାପୁଟରେ ବିରି ଅମଳ ଅଧିକ ହୁଏ । ସେହିପରି ସୁନ୍ଦରଗଡ଼, କଳାହାଣ୍ଡି, ବଲାଙ୍ଗୀର, କେନ୍ଦୁଝର ଓ ନୂଆପଡ଼ାରେ କୋଳଥ ଅଧିକ ଅମଳ ହୋଇଥାଏ । କୋଳଥକୁ ଡାଲି ଓ ରସମ ଭଳି ଖାଦ୍ୟ ପ୍ରସ୍ତୁତରେ ବ୍ୟବହାର କରାଯାଇଥାଏ । ଏହା ବ୍ୟତୀତ ଗୋ ଖାଦ୍ୟ ଏବଂ ଫସଲ ପାଇଁ ଜୈବିକ ସାର ହିସାବରେ ମଧ୍ୟ ବ୍ୟବହାର କରାଯାଇଥାଏ ।

ସହାୟକ ପରିସଂଖ୍ୟାନ ବିଶେଷଜ୍ଞ
କୃଷି ଅର୍ଥନୀତି ବିଭାଗ, ଓୟୁଏଟି, ଭୁବନେଶ୍ୱର

# ତୈଳବୀଜ ଫସଲର ବିପଣନ

ଓଡ଼ିଶାର ଅଧିକାଂଶ ଚାଷୀ ତୈଳବୀଜ ଜାତୀୟ ଫସଲ ଚାଷ କରିଥାନ୍ତି । ଯେଉଁ ସବୁ ଫସଲରୁ ତେଲ ଉତ୍ପାଦନ କରାଯାଏ, ତାହାକୁ ତୈଳବୀଜ ଫସଲ କୁହାଯାଏ । ତନ୍ମଧ୍ୟରୁ ଚିନାବାଦାମ, ରାଶି, ସୋରିଷ, ଅଳସୀ, ସୂର୍ଯ୍ୟମୁଖୀ ଆଦି ଅନ୍ୟତମ । ଆମ ରାଜ୍ୟର ଜଳବାୟୁ ଓ ମୃତ୍ତିକାରେ ସମସ୍ତ ପ୍ରକାରର ତୈଳବୀଜ ଫସଲ ଚାଷ ହୋଇଥାଏ । ତୈଳବୀଜ ଏକ ଅର୍ଥକରୀ ଫସଲ । ଏହାର ବିପଣନ ପାଇଁ କ'ଣ ସୁବିଧା ରହିଛି ସେ ବିଷୟରେ ଜାଣିବା ।

## ଓଡ଼ିଶାରେ ତୈଳବୀଜ ଚାଷ

ଚିନାବାଦାମରେ ପ୍ରାୟ ୪୫ % ତେଲ ଓ ୨୫% ଶତାଂଶ ପୁଷ୍ଟିସାର ରହିଛି । ଖାଇବାଠୁ ଶିଳ୍ପୋଦ୍ୟୋଗରେ ଚିନାବାଦାମବ୍ୟବହାରକରାଯାଏ ।ସେହିପରିସୋରିଷକୁ ଖାଇବା ତେଲ ଓ ମସଲା ପାଇଁ ବ୍ୟବହାର କରାଯାଏ । ଏଥିରୁ ସାବୁନ, ଔଷଧ ଆଦି ପ୍ରସ୍ତୁତ ହୋଇଥାଏ । ସେହିପରି କୋରାପୁଟ, କନ୍ଧମାଳ, କେନ୍ଦୁଝର, କଳାହାଣ୍ଡି ଓ ମୟୂରଭଞ୍ଜ ଜିଲ୍ଲାରେ ଚାଷ କରାଯାଉଥିବା ଅଳସୀରୁ ସୁବାସିତ ତେଲ, ତେଲରୁ ସାବୁନ ଓ ରଙ୍ଗ ତିଆରି କରାଯାଏ । ସେଇଭଳି ରାଶିକୁ ଗୁଡ଼ସହ ମିଶାଇ ଖଜା ଓ ଲଡୁ ପ୍ରସ୍ତୁତ କରି ଖିଆଯାଏ । ଏହାର ତେଲ ଲଗାଇବା ଏବଂ ଖାଇବାରେ ବ୍ୟବହାର ହୁଏ । ବର୍ଷା ଓ ଶୀତଋତୁରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ମୟୂରଭଞ୍ଜ, ରାୟଗଡ଼ା, ନୂଆପଡ଼ା, କନ୍ଧମାଳ, ସୁବର୍ଣ୍ଣପୁର ଜିଲ୍ଲାମାନଙ୍କରେ ଜଡ଼ା ଚାଷ ହୋଇଥାଏ । ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, କେନ୍ଦୁଝର, କଟକ, ଗଞ୍ଜାମ ଓ କଳାହାଣ୍ଡି ଆଦି ଜିଲ୍ଲାରେ ବହୁଳ ଭାବରେ ସୂର୍ଯ୍ୟମୁଖୀ ଚାଷ କରାଯାଏ । ସୂର୍ଯ୍ୟମୁଖୀ ତେଲରେ ଫାଇଟୋ କେମିକାଲ୍ କୋଲେଷ୍ଟ୍ରଲ୍ କମାଇବାରେ ସାହାଯ୍ୟ କରେ । ଏହାର ଖଦଡ଼ ଅଂଶକୁ ପିଡ଼ିଆ କିମ୍ବା ମାଛଖାଦ୍ୟ ରୂପେ ବ୍ୟବହାର କରାଯାଏ । କଳାହାଣ୍ଡି, ବଲାଙ୍ଗୀର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାମାନଙ୍କର ପେଶୀ ଚାଷ ହୋଇଥାଏ । ଏହାର ମଞ୍ଜିରେ ଶତକଡ଼ା ୪୧ରୁ ୪୩ ଶତକଡ଼ା ଭାଗ ତେଲ ଥାଏ । ତେଲରୁ ରଙ୍ଗ, ବାର୍ଣ୍ଣିସ, ଲିନୋଲିମ୍ ଛପାଇ ଜିନିଷ ତିଆରି ହୁଏ । ଏହି ଗଛର କାଣ୍ଡ ବହୁତ ଚିକ୍କଣ ହୋଇଥିବାରୁ ଏହାର ତନ୍ତୁରୁ ଗରମ ପୋଷାକ, ସାମରିକ କର୍ମଚାରୀଙ୍କ ପୋଷାକ ତିଆରି ହୋଇଥାଏ ।



ଉଦିତ କୁମାର ନାଏକ

## ୧.୪ ଲକ୍ଷ ଟନ୍ ତେଲବୀଜ ଉତ୍ପାଦନ

ଓଡ଼ିଶାର ଖାଦ୍ୟ ତେଲର ମୋଟ ବାର୍ଷିକ ଆବଶ୍ୟକତା ୫ ଲକ୍ଷ ଟନ୍‌ରୁ ଅଧିକ ଅଟେ । ବର୍ତ୍ତମାନ ଓଡ଼ିଶାର ସମସ୍ତ ତେଲବୀଜ ଉତ୍ପାଦନ ପ୍ରାୟ ୧.୪ ଲକ୍ଷ ଟନ୍ । କେବଳ ୨୫-୩୦% ମାତ୍ରା ତେଲ ବୀଜ ଉତ୍ପାଦନ ହେଉଥିବାରୁ ଓଡ଼ିଶାକୁ ଦେଶର ଅନ୍ୟ ରାଜ୍ୟରୁ ତେଲ ଆମଦାନି କରିବାକୁ ପଡୁଛି ।



## ସ୍ୱୟଂ ସହାୟକ ଗୋଷ୍ଠୀ ଓ ଏଫ୍.ପି.ଓ.ଙ୍କ ଭୂମିକା

ତୈଳବୀଜ ଉତ୍ପାଦନକାରୀ SHG (ସ୍ୱୟଂ ସହାୟକ ଗୋଷ୍ଠୀ ) ତୈଳବୀଜକୁ ପରିଷ୍କାର ପରିଚ୍ଛନ କରି ପେକେଟ କରି ସରକାରୀ ତଥା ବେସରକାରୀ ମେଳା ମହୋତ୍ସବରେ ସିଧାସଳଖ ଖାଉଟିଙ୍କୁ ଉତ୍ପାଦିତ ଦ୍ରବ୍ୟ ବା ପ୍ରସ୍ତୁତ ଦ୍ରବ୍ୟ ଯଥା- ଚିନାବାଦାମ ଲଡୁ, ରାଶି ଲଡୁ କରି ବିକ୍ରି କରିପାରୁଛନ୍ତି । ନାବାର୍ଡ ଦ୍ୱାରା ଆର୍ଥିକ ସାହାଯ୍ୟ ଗ୍ରହଣ କରି କୃଷକ ଉତ୍ପାଦକ ସଂଘ (F.P.O.) ଦ୍ୱାରା ସାମୂହିକ ତୈଳବୀଜ ବିକ୍ରୟ କରିପାରୁଛନ୍ତି ।

## ବିକ୍ରି ପାଇଁ ପ୍ଲାଟଫର୍ମ

ତୈଳବୀଜ ଗ୍ରାମାଞ୍ଚଳ ଚାଷୀମାନଙ୍କର ଆୟର ଏକ ଉତ୍ସ । ଚାଷୀମାନେ ଏହାକୁ ନିଜର ପାଖ ଗ୍ରାମ ବଜାରରେ ସିଧାସଳଖ ବିକ୍ରୟ କରିଥାନ୍ତି । କିନ୍ତୁ ଏଠାରେ ମଧ୍ୟସ୍ଥ ବେପାରୀମାନଙ୍କ ପ୍ରଭାବ ବେଶୀଥାଏ । ନିୟନ୍ତ୍ରିତ ବଜାରରେ ବଲାଙ୍ଗୀର, ସମ୍ବଲପୁର, ଭଦ୍ରକ, କେନ୍ଦୁଝର ଅଞ୍ଚଳରେ ଚାଷୀ ତୈଳବୀଜ ବିକ୍ରି କରିଥାନ୍ତି । ଓଡ଼ିଶା ରାଜ୍ୟ ବିହନ ନିଗମ, ତୈଳବୀଜ ବିହନ ଉତ୍ପାଦନକାରୀ ଚାଷୀଙ୍କଠାରୁ ତୈଳବୀଜ ମଞ୍ଜି ବିହନ ପାଇଁ କ୍ରୟ କରିଥାଏ ଏବଂ ଅଧିକ ମୂଲ୍ୟ ପାଇଥାଏ । ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ତୈଳ ନିଷ୍କାସନ ଯନ୍ତ୍ର ବସାଇ (Oil Mill) ବସାଇ ବା ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରି ନିଜର ଉତ୍ପାଦନ ବଜାରରେ ବିକ୍ରୟ କରିଥାନ୍ତି । ଦିନ ଥିଲା ଚାଷୀମାନେ ଗାଁ ହାଟରେ ଦ୍ରବ୍ୟ ଅଦଳ ବଦଳ କରି ତୈଳବୀଜ ବିକ୍ରୟ କରୁଥିଲେ, ହେଲେ ଏବେ ଏଗ୍ରି ବଜାର ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ( e-NAM)ରେ ଯୋଡ଼ି ହେବା ଫଳରେ ଚାଷୀ ତୈଳବୀଜ କ୍ରୟ ବିକ୍ରୟ କରି ଅନ୍‌ଲାଇନ୍ ମାଧ୍ୟମରେ ତା'ର ପ୍ରାପ୍ୟ ପାଇ ପାରୁଛନ୍ତି ।

## ତୈଳବୀଜର ବଜାରୀକରଣ ପାଇଁ ବୃଦ୍ଧି (Value Addition)

ତୈଳବୀଜ ଉତ୍ପାଦନରେ କୃଷକମାନେ ସିଧା କଞ୍ଚାମାଲ ବଜାରରେ ବିକ୍ରି କଲେ ଅଧିକ ଲାଭ ପାଇ ନ ଥାନ୍ତି । ଯଦି ସେମାନେ ତୈଳବୀଜ Value Addition କରି ବିକ୍ରୟ କଲେ ଅଧିକ ଲାଭ ପାଇବେ । ଏହି ମୂଲ୍ୟ ବୃଦ୍ଧି ପ୍ରକ୍ରିୟା କୃଷକଙ୍କୁ ବଜାରରେ ସ୍ୱାଧୀନ ଭାବେ ଦାମ ନିର୍ଣ୍ଣୟ କରିବା ଶକ୍ତି ପ୍ରଦାନ କରିଥାଏ । ତୈଳ ନିଷ୍କାସନ (Oil Extraction) ପରେ ଉତ୍ପାଦନ ଉପ ଉତ୍ପାଦ ବିକ୍ରି ( By- Product) ପଶୁଖାଦ୍ୟ, କୁକୁଡ଼ା ଦାନା, ମାଛଖାଦ୍ୟ ହିସାବରେ ବିକ୍ରୟ କରିପାରିବେ । ତୈଳରୁ ସୁଗନ୍ଧିତ ତେଲ କରି ନିଜର ବ୍ରାଣ୍ଡ କରି ବିକ୍ରି କଲେ, ବେଶୀ ଲାଭବାନ ହୋଇପାରିବେ ।

୨୦୨୪-୨୫ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଯଥା ମୁଗ ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷର ଅଭାବ ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ଼ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/ FPOS/SHG) ଦ୍ୱାରା ସରକାର ଚାଷୀଙ୍କ ନିକଟରୁ ଉପଯୁକ୍ତମାନ ବହନ କରୁଥିବା ଶସ୍ୟ କରିବା ପାଇଁ ବ୍ୟବସ୍ଥା କରିଛନ୍ତି ।

ତୈଳବୀଜ ଫସଲ ଚାଷରେ ବି ଚାଷୀଙ୍କୁ ଦର ଅସ୍ଥିରତା, ଏମ୍‌ଏସ୍‌ପି ସମୟରେ କ୍ରୟ ନ ହେବା, ଶୁଦ୍ଧ, ଗ୍ରେଡିଂର ସୁବିଧା ନ ଥିବା, ସଂରକ୍ଷଣ ଅଭାବ, ଗୋଦାମ ଯଥେଷ୍ଟ ଉପଲବ୍ଧ ନଥିବା, ସଚେତନ ଅଭାବ, ବଜାର ଦର, ଶିଳ୍ପ, ମୂଲ୍ୟ ବୃଦ୍ଧି ଦିଗରେ ଅଜଣା ଆଦି ପ୍ରମୁଖ ସମସ୍ୟା ଥାଏ । ଏହାର ନିୟନ୍ତ୍ରଣ ପାଇଁ ଉତ୍ପାଦନ ଶିଳ୍ପ, ଗ୍ରାମୀଣ ଗୋଦାମ, କୃଷି ପ୍ରକ୍ରିୟାକରଣ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ ଆଦି ସାମୁହିକ ବିକ୍ରୟ ଦ୍ୱାରା ଦର ବୃଦ୍ଧି ହୋଇପାରିବ ।

କୃଷକମାନଙ୍କ ପାଖରେ ବିକ୍ରି ପାଇଁ ଉପଲବ୍ଧ (Market Surplas Produce) ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ PSS( Price Support Scheme) ମାଧ୍ୟମରେ ପୂର୍ବରୁ ପଞ୍ଜୀକରଣ କରି ବିକ୍ରୟ କରିପାରିବେ । ଏହାକୁ ସାଇତି ରଖି ଚାଷୀମାନେ ସ୍ଥାନୀୟ ବଜାରରେ ମଧ୍ୟ ବିକ୍ରି କରିପାରିବେ । ଏଫ୍‌ପିଓ ଜରିଆରେ ପ୍ରକ୍ରିୟାକରଣ କରି ବିକ୍ରିବଟା କରିପାରିବେ ଏବଂ ସ୍ୱାସ୍ଥ୍ୟ ପାଇଁ ବିଶୁଦ୍ଧ ତେଲ ଖାଉଟିମାନଙ୍କୁ ଯୋଗାଇ ପାରିବେ । ■



ଅବସରପ୍ରାପ୍ତ ଗୋଷ୍ଠୀ କୃଷି ଅଧିକାରୀ
କୃଷି ପରାମର୍ଶଦାତା, ସୁନ୍ଦରଗଡ଼



# ଚିନାବାଦାମର ବିପଣନ ବ୍ୟବସ୍ଥା



ଶ୍ରୀବତ୍ସ ନାୟକ

## ଓଡ଼ିଶାରେ ଚିନାବାଦାମ ଚାଷ

ଓଡ଼ିଶାରେ ରବି ଓ ଖରିଫ୍ ଦୁଇ ଋତୁରେ ଚିନାବାଦାମ ଫସଲ ହୋଇଥାଏ । ଖରିଫ ଋତୁରେ ଓଡ଼ିଶାର ବଲାଙ୍ଗିର, ବରଗଡ଼, ଢେଙ୍କାନାଳ, କଳାହାଣ୍ଡି, ନୂଆପଡ଼ାରେ ଅଧିକାଂଶ ଚିନାବାଦାମ ଚାଷ ହୋଇଥାଏ । ସେହିପରି ବାଲେଶ୍ୱର, ସୁବର୍ଣ୍ଣପୁର, କନ୍ଧମାଳ, ବୌଦ୍ଧ, କେନ୍ଦୁଝରରେ, କୋରାପୁଟ, ନବରଙ୍ଗପୁର, ଦେବଗଡ଼ ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ଉଭୟ ଖରିଫ ଓ ରବି ଋତୁରେ ଚିନାବାଦାମ ଚାଷ ଅଧିକ ହୁଏ ।

**ଓଡ଼ିଶା ଏକ କୃଷି ଭିତ୍ତିକ ରାଜ୍ୟ । ଆମ ରାଜ୍ୟର ଜଳବାୟୁ ଅନୁକୂଳ ହୋଇଥିବାରୁ ଏଠାରେ ଧାନ, ଆଖୁ, ହରଡ଼, ମାଣ୍ଡିଆ, ମୁଗ, ବିରି ଆଦି ଫସଲ ଉତ୍ପାଦନ ହୁଏ । ଓଡ଼ିଶାରେ ଯେତେ ପ୍ରକାରର ଖାଦ୍ୟଶସ୍ୟ ଉତ୍ପାଦନ ହୁଏ, ତନ୍ମଧ୍ୟରୁ ଚିନାବାଦାମ ହେଉଛି ଅନ୍ୟତମ । ଏହା ହେଉଛି ଏକ ଅର୍ଥକରୀ ଫସଲ ତଥା ତୈଳବୀଜ ଫସଲ । ଓଡ଼ିଶାରେ ଚିନାବାଦାମ ଚାଷୀମାନେ ବ୍ୟବସାୟିକ ଭାବେ ଚିନାବାଦାମ ଚାଷ କରୁଛନ୍ତି ।**

## ବିକ୍ରି ପାଇଁ ସରକାରୀ ବ୍ୟବସ୍ଥା

ଚିନାବାଦାମ ଚାଷୀମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଯୋଗାଇ ଦେଇ ବଜାରର ଚାହିଦାକୁ ପୂର୍ଣ୍ଣ କରିବା ପାଇଁ ଓଡ଼ିଶା ସରକାର ଚିନାବାଦାମର ବିପଣନ ବ୍ୟବସ୍ଥାରେ ଯୁଗପଯୋଗୀ ପଦକ୍ଷେପମାନ ନେଉଛନ୍ତି । ଏଥିନିମନ୍ତେ ରାଜ୍ୟସରକାର ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଓଡ଼ିଶା ରାଜ୍ୟ ମାର୍କେଟିଂ ବୋର୍ଡ (OSAM Board) ଉପରେ ନ୍ୟସ୍ତ କରିଛନ୍ତି । ଏହି ବୋର୍ଡ ଚିନାବାଦାମ ସହିତ ସମ୍ପୃକ୍ତ ବିନିମୟ ବିଭାଗ, ବଜାର ହାଲଚାଲ ଓ ବିଶେଷକରି ଗ୍ରାହକ ଓ ଚାଷୀମାନଙ୍କ ମଧ୍ୟରେ ସୁସମନ୍ୱୟ ରକ୍ଷା କରିଥାଏ । କେବଳ ସେତିକି ନୁହେଁ ବରଂ ସରକାରଙ୍କର ଅଧୀନସ୍ଥ ଏହି ସଂସ୍ଥା ଯାହା କୃଷି ଉତ୍ପାଦନ ବଜାରୀକରଣ (Agricultural Marketing) ସମ୍ପର୍କୀୟ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାଏ । କୃଷକଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ କିଭଳି ମିଳିପାରିବ ତା'ଉପରେ ଗୁରୁତ୍ୱାରୋପ ମଧ୍ୟ କରିଥାଏ । ଓଡ଼ିଶାରେ ଚିନାବାଦାମର ବିପଣନ ପ୍ରଣାଳୀରେ ଚାଷୀ, ବ୍ୟବସାୟୀ, ମଧ୍ୟସ୍ଥି ଓ କେତେକ ସଂସ୍ଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ।



## ତୈଳବୀଜ ଉତ୍ପାଦର ୬୮% ଚିନାବାଦାମ

୨୦୨୩-୨୪ ଆର୍ଥିକ ବର୍ଷରେ ରବି ଋତୁରେ ଓଡ଼ିଶାର ମୋଟ ଚିନାବାଦାମ ୦.୫୯ ଲକ୍ଷ ହେକ୍ଟର (୧.୪୬ ଲକ୍ଷ ଏକର) ଜମିରେ ଚାଷ କରାଯାଇଥିଲା ଯାହା ଭାରତର ସର୍ବସାଧାରଣ କ୍ଷେତ୍ରର ୧୫.୮ ପ୍ରତିଶତ | ସେହିଭଳି ଓଡ଼ିଶାରେ ମୋଟ ତୈଳବୀଜ ଉତ୍ପାଦର ୬୮% ହେଉଛି ଚିନାବାଦାମ । ଚିନାବାଦାମର ବିପଣନ ବ୍ୟବସ୍ଥାରେ ପ୍ରକ୍ରିୟାକରଣ ବା ପ୍ରୋସେସିଂ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ଅଟେ । କଞ୍ଚା ଚିନାବାଦାମକୁ ମେସିନ୍ ମାଧ୍ୟମରେ ପ୍ରୋସେସିଂ କରି ବାଦାମ ତେଲ ଓ ପିନଟ ବଟର ଆଦି ପ୍ରସ୍ତୁତ ହେଉଛି ।

## ଡିଜିଟାଲ୍ ମାର୍କେଟିଂ ବ୍ୟବସ୍ଥା

ଅଧୁନା ନୂତନ ବ୍ୟବସ୍ଥା ଭାବେ ଓଡ଼ିଶା ସରକାର ଏକ ଡିଜିଟାଲ୍ ମାର୍କେଟିଂ ବ୍ୟବସ୍ଥା ପନ୍ଥା ଗ୍ରହଣ କରିଛନ୍ତି, ଯାହା ମାଧ୍ୟମରେ ଚାଷୀ ଘର ବସି ବଜାର ଦର ଜାଣିପାରିବେ । ଓଡ଼ିଶାରେ ଚିନାବାଦାମର ଉତ୍ପାଦନ ବୃଦ୍ଧି ନିମନ୍ତେ ଅନେକ ସୁବିଧା ସୁଯୋଗ ରହିଛି । ଏହି ବ୍ୟବସ୍ଥାରେ ଆଧୁନିକ ତଥ୍ୟଯୁକ୍ତ ବଜାର ବ୍ୟବସ୍ଥା ଓ ସଂଘବଦ୍ଧ କୃଷକ ସଂଗଠନ ଗଠନ କଲେ କୃଷକଙ୍କ ଆୟ ବୃଦ୍ଧି ଓ ଅର୍ଥନୈତିକ ସ୍ୱାବଲମ୍ବନ ସମ୍ଭବ ହେବ ।



# ଗଜପତିରେ କାଜୁ ବ୍ୟବସାୟ

ରଶ୍ମିରଞ୍ଜନ ମିଶ୍ର, ଗଜପତି

**ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରେ କାଜୁ ଏକ ଅର୍ଥକରୀ ଫସଲ । ପ୍ରଚୁର ପରିମାଣରେ ଜଙ୍ଗଲ ଓ ଖାଲି ପଡ଼ିଥିବା ଜମିରେ ହେଉଛି କାଜୁ ଚାଷ । ଏହା ଆଦିବାସୀମାନଙ୍କ ଏକ ନିର୍ଭରଶୀଳ ଅର୍ଥକରୀ ଚାଷ । ଜିଲ୍ଲାରେ ହଜାର ହଜାର ହେକ୍ଟର ପାହାଡ଼ିଆ ଓ ପଦର ଜମିରେ କାଜୁ ଚାଷ ହୋଇଥାଏ । ବଜାରରେ କାଜୁର ଯଥେଷ୍ଟ ଚାହିଦା ରହିଛି । ତେଣୁ କାଜୁ ଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି ।**

## ବାହାର ରାଜ୍ୟକୁ କାଜୁ ରପ୍ତାନୀ

କାଜୁବାଦାମ ଏକ ଲାଭଜନକ ଫସଲ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏହା ଚାଷ କରାଯାଉଛି । ବିଶେଷ କରି ଉର୍ବର ଜମିଠାରୁ ଆରମ୍ଭ କରି ଅନୁର୍ବର ପାହାଡ଼ିଆ ଜମିରେ ମଧ୍ୟ କାଜୁବାଦାମ ଚାଷ ଭଲ ହୋଇଥାଏ । କାଜୁ ଅତ୍ୟନ୍ତ ସ୍ୱାଦିଷ୍ଟ । ଏଥିରେ ପ୍ରଚୁର ପରିମାଣରେ ସ୍ନେହସାର, ପୁଷ୍ଟିସାର, ଶ୍ୱେତସାର, କ୍ୟାଲସିୟମ, ଫସଫରସ୍ ଆଦି ଭିଟାମିନ୍ ରହିଥାଏ । ତେଣୁ କାଜୁର ଚାହିଦା ଅଧିକ । ଗଜପତି ଜିଲ୍ଲାରେ ବାର୍ଷିକ ହାରାହାରି ୨୪୦୦ ମେଟ୍ରିକ୍ ଟନ୍ କାଜୁ ଉତ୍ପାଦନ ହେଉଥିବାର ଜଣାପଡ଼ିଛି । ଏଠାରୁ ଉତ୍ପାଦିତ କାଜୁ ରାୟପୁର, କୋଲକାତାଠାରୁ ଆରମ୍ଭ କରି ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ପଲାସା ଆଦି ଅଞ୍ଚଳକୁ ରପ୍ତାନୀ ହେଉଛି । ଅମଳ କାଜୁ ମଞ୍ଜିକୁ କିଲୋ ପିଛା ଏକ ଶହରୁ ଦେଢ଼ ଶହ ପଚାଶ ପର୍ଯ୍ୟନ୍ତ ବିକ୍ରି କରି ଯଥେଷ୍ଟ ଅର୍ଥ ରୋଜଗାର କରିଥାନ୍ତି ଚାଷୀ । ବହୁ ବ୍ୟବସାୟୀ କାଜୁ ବ୍ୟବସାୟ କରି ବେଶ ଦୁଇ ପଇସା ରୋଜଗାର କରିଥାନ୍ତି ।



## ୨୬ ହଜାର ହେକ୍ଟରରେ କାଜୁ ଚାଷ

ଗଜପତି ଜିଲ୍ଲାରେ ମୋଟ ୯୫ ହଜାର ହେକ୍ଟର ଜମିରେ ବିଭିନ୍ନ ପ୍ରକାରର ଚାଷ ହେଉଥିବା ବେଳେ ସେଥିମଧ୍ୟରୁ ୨୫ ରୁ ୨୬ ହଜାର ହେକ୍ଟର କାଜୁ ଚାଷ ରହିଛି । ଜିଲ୍ଲାରେ ପ୍ରାୟ ୬୦ଟି କାଜୁ ଫେକ୍ଟ୍ରି ରହିଛି । ଗୋଟିଏ କାଜୁ ମଞ୍ଜିରୁ ୧୬ କିସମ ବା ଭେରାଇଟିର କାଜୁ ଜାତୀୟ ଉତ୍ପାଦନ ହେଉଛି । କାଜୁ ଉତ୍ପାଦନ ଜିଲ୍ଲାର ଅଧିକାଂଶ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଛି । ପ୍ରଚୁର ପରିମାଣରେ କାଜୁ ଉତ୍ପାଦନ ହେଉଥିବା ସତ୍ତ୍ୱେ, ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ଏହାର ବଜାର ନିୟନ୍ତ୍ରଣ ପାଇଁ କୌଣସି ଯୋଜନା ନାହିଁ । ଉପଯୁକ୍ତ ଦର ନିର୍ଦ୍ଧାରଣ ହେଉ ଅବା ଉପଯୁକ୍ତ ବଜାର ସୃଷ୍ଟି କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ଦଲାଲଙ୍କ ଶିକାର ହେଉଛନ୍ତି କାଜୁ ଚାଷୀ । ବିଶେଷ କରି ଆନ୍ଧ୍ର ପ୍ରଦେଶରର କାଜୁ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡ଼ି ଶୋଷଣର ଶିକାର ହେଉଛନ୍ତି ।




# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## କହିଲେ କୁଳ କୁଟୁମ୍ବକୁ ଲାଜ

ଗତବର୍ଷ ଜୁନ୍ ୪ ତାରିଖରେ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପରେ କିଏ ଓଡ଼ିଶାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବ ତାହା ଥିଲା ଅଯୁତ ଡଲାରର ପ୍ରଶ୍ନ । ଯେଉଁମାନେ ରାଜ୍ୟରେ ପଦ୍ମ ଦଳକୁ କ୍ଷମତାସୀନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ; ସେମାନଙ୍କ ମଧ୍ୟରୁ ଅନେକ ଥିଲେ ମୁଖ୍ୟମନ୍ତ୍ରୀ ପଦ ଆଶାୟୀ । ଦୀର୍ଘଦିନ ଧରି ସଙ୍ଗଠନ ସମ୍ଭାଳିଥିବା, ଟିକଟ ବଣ୍ଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା, ଦଳୀୟ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଖର୍ଚ୍ଚ ଯୋଗାଇଥିବା, କ୍ଷମତା ରାଜନୀତିରେ ଦୀର୍ଘ ଅଭିଜ୍ଞତା ରଖିଥିବା, ଜାତୀୟ ରାଜନୀତିରେ ଗୁରୁତ୍ୱ ରଖିଥିବା ଅନେକ ନେତାଙ୍କ ନାମକୁ ନେଇ ଚାଲିଥିଲା ଚର୍ଚ୍ଚା । ଅପ୍ରତ୍ୟାଶିତ ଭାବରେ କ୍ଷମତା ଦଖଲ କରିବା ପରି ପଦ୍ମ ନେତୃତ୍ୱ ମୁଖ୍ୟମନ୍ତ୍ରୀ ରୂପେ ମୋହନଙ୍କ ନାମ ଚୂଡ଼ାନ୍ତ କରିବା ଦଳର ଅନେକଙ୍କ ପାଇଁ ଥିଲା ଅକଳ୍ପନୀୟ । ଇତିମଧ୍ୟରେ ମୋହନ କାର୍ଯ୍ୟକାଳ ଦୃଷ୍ଟିରୁ ତାଙ୍କ ପୂର୍ବ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ଗିରିଧର ଗମାଙ୍ଗ, ବିନାୟକ ଆଚାର୍ଯ୍ୟଙ୍କୁ ଅତିକ୍ରମ କରି ସାରିଲେଣି । ତେଣୁ ରାଜ୍ୟରେ ୨୪ ବର୍ଷରେ ଯାହା ହୋଇ ନ ଥିଲା, ତାହାକୁ ୨୪ ମିନିଟରେ ମୋହନଙ୍କ ସରକାର କାର୍ଯ୍ୟରେ ପରିଣତ କୁହାଯାଉଥିବା କଥା ବି ମିଛ ନୁହେଁ । ୮୦ ବର୍ଷ ହେଲା ରୁଷରୁ ଇଣ୍ଡୋନେସିଆ ପର୍ଯ୍ୟନ୍ତ ସମ୍ମାନ ପାଉଥିବା ବିଜୁଙ୍କୁ ଓଡ଼ିଶାରେ ଅସମ୍ମାନ ଯେପରି ମିଛ ନୁହେଁ, ୭୫ ବର୍ଷ ମଧ୍ୟରେ ଓଡ଼ିଶାର କୌଣସି ସରକାର ଗୋଟିଏ ବର୍ଷରେ ଏତେ ଋଣ ବି ମିଛ ନୁହେଁ । ୪୦ ବର୍ଷରେ ମୁଖ୍ୟ ସଚିବ ପଦରେ ଅଣ ଓଡ଼ିଆ ବସିବା ବି ସେମିତି ମିଛ କଥା ନୁହେଁ । ୨୪ ମିନିଟରେ ଠୋଲାଏ ମୁଢ଼ି-ମାଂସ, ଠୋଲାଏ ଦହିବରା-ଆଳୁଦମ୍, ପୋଷେ ଛେନାପୋଡ଼ ଉଦରସ୍ଥ ହୁଏତ କାହାପାଇଁ ସାମାନ୍ୟ ଘଟଣା ହୋଇପାରେ, ମାତ୍ର ଆମପରି ସାଧାରଣ ଲୋକଙ୍କ ପାଇଁ ଏସବୁ ପରା ଅସାମାନ୍ୟ । ସେଥିପାଇଁ ପରା କଥାରେ ଅଛି- କହିଲେ କୁଳ କୁଟୁମ୍ବକୁ ଲାଜ । ■



## ସିଂହଦେଓଙ୍କ 'ବିଜୁଳି' ଉପଲବ୍ଧି

ପାଟଣାଗଡ଼ ରାଜା ସାହେବ କନକବର୍ଦ୍ଧନ ସିଂହଦେଓ ରାଜ୍ୟର ଉପମୁଖ୍ୟମନ୍ତ୍ରୀ । ଶକ୍ତି ଓ କୃଷି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବୋଝ ତାଙ୍କ ମୁଣ୍ଡଉପରେ । ମାତ୍ର ପରିସ୍ଥିତି ଦେଖିଲେ ଲାଗୁଛି ଦୁଇ ବିଭାଗ ଉପରେ ରାଜା ସାହେବଙ୍କ ନିୟନ୍ତ୍ରଣ ନାହିଁ । ସରକାର ଆସିବା ପୂର୍ବରୁ ରାଜ୍ୟରେ କଟନିଛଟନି ହେବ ନାହିଁ ବୋଲି ତାଙ୍କ ଦଳର ନେତାମାନେ ଘୋଷଣା କରିଥିଲେ । ମାତ୍ର ଧାନ କିଣା ବେଳକୁ କଟନିଛଟନିକୁ ନେଇ ଯାହା ସବୁ କାଣ୍ଡକାରଖାନା ଘଟିଲା ସେ କଥା ନ କହିବା ଭଲ । ଚାଷୀଙ୍କ ଖରିଫ କଷଣଠୁ ରବି କଷଣ ଆହୁରି ବଳିଗଲାଣି । ଖରିଫରେ ମିଲର ୮ କିଲୋ କାଟୁଥିଲେ, ଏବେ ରବିରେ ତାହା ୧୨ କିଲୋରେ ପହଞ୍ଚିଲାଣି । ଜୁନ୍ ମାସ ଯାଏ ରାଜ୍ୟରେ ବିଜୁଳି କଟିବ ନାହିଁ ବୋଲି ମନ୍ତ୍ରୀ କହିଲେ, ହେଲେ ଖୋଦ୍ ଶକ୍ତିମନ୍ତ୍ରୀଙ୍କ ନିଜ କାର୍ଯ୍ୟକ୍ରମରେ ବିଜୁଳିର ଦେଖା ମିଳୁନାହିଁ । ବର୍ଷପୂର୍ତ୍ତିରେ ନିଜେ ରାଜାସାହେବ ଓରଫ୍ ଶକ୍ତିମନ୍ତ୍ରୀ ବ୍ରହ୍ମପୁରରେ ନିଜ ସରକାରଙ୍କ ଉପଲବ୍ଧି ଗାଉ ଗାଉ ବିଜୁଳିର ଛୁ ମନ୍ତର୍ ହୋଇଯିବା ଅନେକ କଥାକୁ ଉଜାଗର କରିଛି । ଖାଲି ବ୍ରହ୍ମପୁର ହିଲ୍‌ପାଟଣାସ୍ଥିତ ସଂସ୍କୃତି ଭବନ ନୁହେଁ, ସେଠାରେ ସର୍କିଟ୍ ହାଉସରେ ଶକ୍ତିମନ୍ତ୍ରୀ ସିଂହଦେଓ ବିଜୁଳିର ଯେଉଁ ଉପଲବ୍ଧିକୁ ଅନୁଭବ କଲେ, ରବୀନ୍ଦ୍ର ମଣ୍ଡପରେ ରାଜଧାନୀବାସୀ ବି ଠିକ୍ ସେହି ଉପଲବ୍ଧି କରିଥିବା ଆମର କିଛି ମିତ୍ର ଖବର ପହଞ୍ଚାଇଛନ୍ତି । ଓଡ଼ିଆ ଭାଷା ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ବର୍ଷପୂର୍ତ୍ତି ଅବସରରେ ନାଟକ ଉତ୍ସବ ବେଳେ ବିଜୁଳିର ମୋତେ ଛୁଁ ଖେଳ ସରକାରଙ୍କ ଉପଲବ୍ଧିକୁ ବର୍ଣ୍ଣନା କରିଛି । ଏସବୁ ଦେଖିବା ପରେ ଲୋକମାନେ କହୁଛନ୍ତି- ଯେମିତି କର୍ମ, ସେମିତି ଫଳ । ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାକୁ କହି ଫାଙ୍କିଦେଲ, ଏବେ ତୁମ କଥା ତୁମେ ସମ୍ଭାଳ । ■



## ନିମାପଡ଼ାରେ ଆରମ୍ଭ ନୂଆ ନାଟକ

ଯାତ୍ରା ପାର୍ଟି ପାଇଁ ଜଗତସିଂହପୁର ଜିଲ୍ଲାର ବେଶ୍ ନାଁ ଥିଲା । ଯା ପରେ ପୁରୀ ଜିଲ୍ଲାରୁ ଅନେକ ଯାତ୍ରା ପାର୍ଟି ଆରମ୍ଭ ହୋଇ ବେଶ୍ ପ୍ରସିଦ୍ଧି ପାଇଥିଲା । ସାତଶଂଖ ଅପେରାର 'ରାତି ନଅରୁ ସକାଳ ଛଅ', କଳିଙ୍ଗ ଗଣନାଟ୍ୟର 'ମରିନାହିଁ ମହାରଥୀ, ସରିନାହିଁ ରାଜନୀତି' ସାରା ଓଡ଼ିଶାରେ ଚହଳ ପକାଇଥିଲା । ମାତ୍ର ଏବେ ନିମାପଡ଼ାରେ ଚାଲିଥିବା ପଦ୍ମ ପାର୍ଟି ମୁଖପାତ୍ର ଭାଇନାଙ୍କ 'କୋଠଘର' ନାଟକ ସବୁ ଯାତ୍ରା ପାର୍ଟିର ରାଜନୈତିକ ନାଟକକୁ ପଛରେ ପକାଇ ଦେଇଛି । ପଦ୍ମ ମୁଖପାତ୍ର ଭାଇନା ସମୀର ଓ ଉପମୁଖ୍ୟମନ୍ତ୍ରୀ ଅପା ପ୍ରଭାତୀଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ଖେଳ ରଜରେ ହେଉଥିବା ଯାଜପୁର ଜିଲ୍ଲାର ଖଣ୍ଡିତର କବାଡ଼ିକୁ ବି ପଛରେ ପକାଇ ଦେଇଛି । ଅପା ସିନା ପ୍ରଥମଥର ଜିତି ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି, ହେଲେ ଭାଇନା ତ ପୁରୁଣା ଖେଳାଳି । ଦି' ଦି'ଥର ମନ୍ତ୍ରୀ ହୋଇଛନ୍ତି, ତାହା ପୁଣି ଗଣ୍ଡଗୋଳିଆ ଗଣଶିକ୍ଷା ବିଭାଗର । ତେଣୁ ଅପା ପତ୍ରେପତ୍ରେ ଯିବା ବେଳକୁ ଭାଇନା ଶିରାରେ ଶିରାରେ ଚାଲିଛନ୍ତି । ଏବେ ଯେଉଁ ସବୁ କାମ ହେଉଛି, ସେ ସବୁ କାମ ତାଙ୍କ ସମୟରେ ଅର୍ଥାତ୍ ଶଙ୍ଖ ସରକାରରେ ଅନୁଦାନ ଦିଆଯାଇଥିଲା ଭାଇନାଙ୍କ ବାଣ କୁଆଡ଼େ ଅପାଙ୍କ ପାଇଁ ଯେତିକି ଶିରପୀଡ଼ା ହୋଇଛି; ତା'ଠୁ ବେଶୀ କଷ୍ଟଦାୟକ ହୋଇଛି ଭାଇନାଙ୍କ 'କୋଠଘର' ବାଣ । ଆଜିକାଲି କୁଆଡ଼େ ଗାଁ କୋଠ ଘରଗୁଡ଼ିକ 'ପିସି' ବାଣ୍ଟକୁଣ୍ଟାର ପେଣ୍ଠ ପାଲଟିଛି ବୋଲି ଅପାଙ୍କ ଆଡ଼କୁ ତେରଛା ବାଣ ମାରିଛନ୍ତି ଭାଇନା ସମୀର । ଏହା କାହାକୁ କଷ୍ଟ ନ ଦେବ କହିଲେ? ଅପା ବି କୋଉ ଛାଡ଼ିବା ଲୋକ? ସିଏ ବି ରୋକ୍‌ଠୋକ୍ ଭାଇନାଙ୍କୁ ଦି' ପଦ କଡ଼ାମିଠା ଶୁଣାଇ ଦେଇଛନ୍ତି । ଭାଇନାଙ୍କୁ ଅପାଙ୍କ କଡ଼ା ଜବାବ ପରେ ନିମାପଡ଼ା ରେ ଆରମ୍ଭ ହୋଇଥିବା ନୂଆ ନାଟକକୁ ଲୋକମାନେ ବେଶ୍ ଉପଭୋଗ କରୁଛନ୍ତି । ■



## ଟାଣ ହେଉଛି ହାତ, ଉପାଡ଼ିବ ନାଡ଼

କଳାହାଣ୍ଡିଆ ଦାସେ ଓରଫ ଭକ୍ତଙ୍କ ମୁଣ୍ଡରେ ଯେବେଠୁ ହାତ ମଠ ମହନ୍ତ ପଗଡ଼ି ଭିଡ଼ା ହେଲାଣି; ସେବେଠାରୁ ମାଷ୍ଟରକ୍ୟାଣ୍ଟିନ ଛକ କୁଆଡ଼େ ଭିଡ଼ ଭିଡ଼ ଲାଗୁଛି । ମଠରେ ଗହଳି ଚହଳି ବଢ଼ିଛି । ଆଉ ପଦ୍ମ ନାଡ଼ ଓପାଡ଼ିବାକୁ ହାତକୁ ଟାଣ କରିବାକୁ ଦଳର ନେତା ଲାଗି ପଡ଼ିଛନ୍ତି । ଆଉ ଏବେ ସରକାରଙ୍କର ବର୍ଷ ପୂର୍ତ୍ତିରେ ରାଜ୍ୟର ବିଭିନ୍ନ ସ୍ଥାନରେ ସମାବେଶ କରି ମନ୍ତ୍ରୀମାନେ ନିଜ ଘଣ୍ଟ ପିଟିବାକୁ ବାହାରିଥିବାବେଳେ ସମାନ୍ତରାଳ ଭାବରେ ଭକ୍ତ ଏଣ୍ଡ କୋଃ ରାଜ୍ୟର ବିଭିନ୍ନ ସ୍ଥାନରେ ସମାବେଶ କରିବେ ବୋଲି ହାତ ପାର୍ଟି ଘୋଷଣା କରିଛି । ଦଳର ସବୁ ବଡ଼ବଡ଼ ନେତା ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସମାବେଶ କରିବେ । ସରକାରଙ୍କ 'ବର୍ଷ ଏକ-ଉପଲବ୍ଧି ଅନେକ'କୁ ଟକ୍କର ଦେବା ପାଇଁ ହାତ ପାର୍ଟି ନେତାମାନେ 'ବର୍ଷ ଏକ- ପ୍ରତାରଣା ଅନେକ'କୁ ଲୋକଙ୍କ ନିକଟରେ ବର୍ଣ୍ଣନା କରିବେ । ଏଥିପାଇଁ ହାତ ପାର୍ଟି ପକ୍ଷରୁ ବଡ଼ ଯୋଜନା ହୋଇଛି । ନିରଞ୍ଜନ, ଜୟଦେବ, ପ୍ରସାଦ, ଅନନ୍ତ, ଜଗନ୍ନାଥ, ରାମଚନ୍ଦ୍ର, ତାରାପ୍ରସାଦଙ୍କ ଠାରୁ ଆରମ୍ଭ କରି ଯେତେସବୁ ବଡ଼ବଡ଼ ନେତା ଅଛନ୍ତି; ସମସ୍ତେ ରାଜ୍ୟସାରା ବୁଲିବୁଲି ସରକାରଙ୍କ ମିଛକୁ ଲୋକଙ୍କ ପାଖରେ ପହଞ୍ଚାଇବେ । ତିନି ହଜାର ଭତ୍ତାର ମିଛ, ସୁଭଦ୍ରା ପ୍ରତାରଣା, ଆୟୁଷ୍ମାନ ଅବ୍ୟବସ୍ଥା, ଅସ୍ମିତାର ଅସମ୍ମାନ, ମାଗଣା ବିଜୁଳିର ମିଛ ଘୋଷଣାକୁ ମୁଠା କରି ପଦ୍ମ ନାଡ଼ ଓପାଡ଼ିବାକୁ ସବୁ ବଳ ହାତ ପାର୍ଟି ଖଟାଇବ ବୋଲି ନିଜେ ଭକ୍ତ କହିଛନ୍ତି । କଂଗ୍ରେସିଆ ବୋଧେ ବୁଝି ସାରିଲେଣି, ଏଥର ଯଦି ସେମାନେ ଏକାଠି ନ ହୁଅନ୍ତି; ତେବେ ରାଜ୍ୟରେ ସେମାନଙ୍କ ସତ୍ତା ରହିବ ନାହିଁ । ସେଥିପାଇଁ ସମସ୍ତଙ୍କୁ ଏକାଠି କରି ଭକ୍ତ ଅଣ୍ଟା ଭିଡ଼ିଛନ୍ତି । ହେଲେ ଭକ୍ତଙ୍କ ଏହି ତାଲିକାରୁ ମୋକିମ୍, ଶ୍ରୀକାନ୍ତ କୁଆଡ଼େ ଗଲେ; ତାହାର ଉତ୍ତର କେହି ଦେଇପାରୁ ନାହାନ୍ତି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।